ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.202 Bhubaneswar Tuesday September 20 2022 ୨୫ତମ ବର୍ଷ ସଂଖ୍ୟା-୨୦୨ ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୨୦, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

ସବୁ ନିୟମକୁ ଫୁ' କରିଦେଇଛି ସମବାୟ ବ୍ୟାଙ୍କ: ଦେଉଳଠୁ ମୁଖଶାଳା ବଳିଗଲା, ଚେତାଇଲା ନାବାର୍ଡ

ଭୁବନେଶ୍ୱର,୧୯।୯(ପି.ଏନ): ରାଜ୍ୟ ସରକାରଙ୍କ ବିପର୍ଯ୍ୟସ୍ତ ଓ ମନମୁଖୀ ପରିଚାଳନା ଯୋଗୁ ରାଜ୍ୟ ସମବାୟ ବ୍ୟାଙ୍କ ଓ ତା'ର ଶାଖା କେନ୍ଦ୍ରୀୟ ସମବାୟ ବ୍ୟାଙ୍କଗୁଡିକ ଆର୍ଥିକ ଅସ୍ଥିରତା ଭିତରକୁ ଠେଲି ହେବାରେ ଲାଗିଛନ୍ତି । ପରିସ୍ଥିତି ଏପରି ହୋଇଛି ଯେ, ଯେଉଁ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ମୂଳଧନ ଯେତିକି ନୁହେଁ ତା'ଠୁ ଅଧିକ ପରିମାଣର ଋଣ ଆବଂଟନ ହୋଇଛି । ଆଉ ସମସ୍ତ ୧୭ଟି କେନ୍ଦ୍ରୀୟ ସମବାୟ ବ୍ୟାଙ୍କଗୁଡିକର ପରିଚାଳନା ଦାୟିତ୍ୱରେ ଥିବା ସିଇଓ(ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ)ଙ୍କ ମଧ୍ୟରୁ କେହି ବି ଏହି ପଦ ନିମନ୍ତେ ଉପଯୁକ୍ତ ଯୋଗ୍ୟତା ରଖିନାହାନ୍ତି । ଏପରିକି ୨୦୨୧-୨୨ ଆର୍ଥିକ ବର୍ଷରେ କେନ୍ଦ୍ରୀୟ ସମବାୟ ବ୍ୟାଙ୍କରେ ୮ଜଣ ସିଇଓଙ୍କୁ ନିଯୁକ୍ତି ମିଳିଥିଲେ ମଧ୍ୟ ଏନେଇ ରିଜର୍ଭ ବ୍ୟାଙ୍କର ଅନୁମତି ନିଆଯାଇନାହିଁ । ଯାହାକି ବ୍ୟାଙ୍କିଙ୍ଗ୍ ନିୟମାବଳୀ-୧୯୪୯ର ଧାରା-୩୫-ଖ'ର ସିଧାସଳଖ ଉଲ୍ଲଙ୍ଘନ ମଧ୍ୟ । ଉପରୋକ୍ତ ସମସ୍ତ ଅସଙ୍ଗତି ଓ ବିପର୍ଯ୍ୟସ୍ତ ପରିଚାଳନା ସମ୍ପର୍କରେ ୧୮ତମ ରାଜ୍ୟସ୍ତରୀୟ ଟାସ୍କଫୋର୍ସ ବୈଠକରେ ନାବାର୍ଡ ପକ୍ଷରୁ ଏନେଇ ରାଜ୍ୟ ସରକାରଙ୍କୁ ସତର୍କ କରାଇ ଦିଆଯାଇଛି ।ମିଳିଥିବା ସୂଚନା ଅନୁସାରେ, ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ ଓ ୧୭ଟି ଜିଲ୍ଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ପରିଚାଳନାଗତ ତ୍ରୁଟି ସମ୍ପର୍କରେ ନାବାର୍ଡ ପକ୍ଷରୁ ରିପୋର୍ଟ ପ୍ରଦାନ କରାଯାଇଛି । ରାଜ୍ୟରେ ଥିବା ୧୭ଟି କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ଦାୟିତ୍ୱରେ ଥିବା ସିଇଓମାନଙ୍କ ମଧ୍ୟରୁ କେହି ଜଣେ ବି ଏହି ପଦବୀ ନିମନ୍ତେ ଯୋଗ୍ୟ ନୁହଁନ୍ତି । କିମ୍ବା ସେମାନଙ୍କର କାହାରିବି ଏହି ପଦବୀ ପାଇଁ ଅଭିଜ୍ଞତା ନାହିଁ । ସେହିପରି ରିଜର୍ଭ ବ୍ୟାଙ୍କର ବିନାନୁମତି ଓ ନିୟମକୁ ଖୋଲା ଉଲ୍ଲଙ୍ଘନ କରି ଏହି ବ୍ୟାଙ୍କଗୁଡିକ ପରିଚାଳିତ ହେଉଛନ୍ତି । ବ୍ୟାଙ୍କିଙ୍ଗ ନିୟମ-୧୯୪୯ର ଧାରା-୯ ଅନୁସାରେ କୌଣସି ବ୍ୟାଙ୍କ ୭ବର୍ଷରୁ ଅଧିକ ସମୟ ଧରି କୌଣସି ସ୍ଥାବର ସମ୍ପତ୍ତିକୁ ନିଜ ପାଖରେ ରଖିପାରିବ ନାହିଁ ଓ ଏଥିପାଇଁ ରିଜର୍ଭ ବ୍ୟାଙ୍କର ଅନୁମତି ଜରୁରୀ । କିନ୍ତୁ ରାଜ୍ୟ ସମବାୟ ବ୍ୟାଙ୍କ ୨୪ଟି ଓ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ୯ଟି ସ୍ଥାବର ସମ୍ପତ୍ତିକୁ ଆହରଣ କରିଛନ୍ତି । ଆଉ ଏଥିରୁ ମାତ୍ର ୪ଟି ସମ୍ପତ୍ତି ସମ୍ପର୍କରେ ରିଜର୍ଭ ବ୍ୟାଙ୍କରୁ ଅନୁମତି ଆଣିଛନ୍ତି ।ସେହିପରି ଏହି କେନ୍ଦ୍ର ସମବାୟ ବ୍ୟାଙ୍କଗୁଡିକ ନୂଆ ଗ୍ରାହକ ସୃଷ୍ଟି ନକରି ମନଇଚ୍ଛା ଋଣ ପ୍ରଦାନ କରିଛନ୍ତି । ୨୦୧୯ ମାର୍ଚ୍ଚ ୩୧ତାରିଖ ସୁଦ୍ଧା ଏହି ୧୭ଟି କେନ୍ଦ୍ରୀୟ ସମବାୟ ବ୍ୟାଙ୍କଗୁଡିକର ମୋଟ ବକେୟା(ଋଣ ପରିମାଣ) ୧୯୫୦କୋଟି ଟଙ୍କା ଥିବାବେଳେ ତାହା ୨୦୨୧-୨୨ରେ ୩୬୪୬.୪୧ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଯାହାକି ମାତ୍ର ୩ବର୍ଷରେ ୮୭% ଅଧିକ ବୋଲି ଜଣାପଡିଛି । ଆଉ ଏହି ବକେୟା ପରିମାଣ କ୍ରମାଗତ ଭାବେ ବୃଦ୍ଧି ପାଇଛି । ୨୦୨୦ ମାର୍ଚ୍ଚ ଶେଷ ସୁଦ୍ଧା ଏହି ପରିମାଣ ୨୩୪୩.୯୭କୋଟି, ୨୦୨୧ ମାର୍ଚ୍ଚ ସୁଦ୍ଧା ୨୯୭୪ କୋଟି ଟଙ୍କା ବକେୟା ଏସବୁ ବ୍ୟାଙ୍କର ରହିଥିଲା ।ସେହିପରି ବଲାଙ୍ଗିର କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ଋଣ ପରିମାଣ ନିଜ ମୂଳଧନର ପ୍ରାୟ ୨୬୮.୪୦%କୁ ବୃଦ୍ଧି ପାଇଥିଲା । ଭବାନୀପାଟଣା କେନ୍ଦ୍ରୀୟ ବ୍ୟାଙ୍କରେ ୨୬୧.୪୨%, ସମ୍ବଲପୁର ବ୍ୟାଙ୍କରେ ୧୩୯.୩୧ ପ୍ରତିଶତ ଓ କୋରାପୁଟରେ ୧୦୧.୬୪ ପ୍ରତିଶତ ଅର୍ଥ ବକେୟା ରହିଥିଲା । କେବଳ ବର୍ଷକ ମଧ୍ୟରେ ୨୦୨୧ ମାର୍ଚ୍ଚ ୩୧ରୁ ୨୦୨୨ ମାର୍ଚ୍ଚ ୩୧ତାରିଖ ମଧ୍ୟରେ ଭବାନୀପାଟଣା କେନ୍ଦ୍ରୀୟ ସମବାୟ ବ୍ୟାଙ୍କରେ ୨୨୩.୬%, ବାଙ୍କିରେ ୬୩.୫% ଓ ବଲାଙ୍ଗିରରେ ୫୬.୬% ଋଣ ପରିମାଣ ମୂଳଧନ(ପ୍ରନ୍ସିପାଲ) ବୃଦ୍ଧି ପାଇଛି ।ତେବେ ପ୍ରଶ୍ନ ଉଠୁଛି, ସବୁ ନିୟମକୁ ଜଳାଞ୍ଜଳି ଦେଇ ଅଭିଜ୍ଞତା ନଥିବା ସିଇଓମାନଙ୍କୁ ବ୍ୟାଙ୍କ ଦାୟିତ୍ୱରେ ରଖି ବିଜେଡି ସରକାର କ'ଣ ଏସବୁ ବ୍ୟାଙ୍କକୁ ଦେବାଳିଆ କରିବାକୁ ଷଡଯନ୍ତ୍ର କରୁଛନ୍ତି କି? ତା' ନହୋଇଥିଲେ ବ୍ୟାଙ୍କଗୁଡିକର ଅବସ୍ଥା ଦେଉଳଠୁ ମୁଖଶାଳାକୁ ବଳିବା ଭଳି ହୋଇନଥାନ୍ତା କିମ୍ବା ନାବାର୍ଡ ସତର୍କ କରାଇ ନଥାନ୍ତା । ପ୍ରାଥମିକ କୃଷି ସମବାୟ କେନ୍ଦ୍ର(ପ୍ୟାକ୍ସ)ଗୁଡିକର ଅଡିଟ୍ ମଧ୍ୟ ୧ରୁ ୫ବର୍ଷ ପର୍ଯ୍ୟନ୍ତ ପ୍ରାୟ ୨୪୭୧ଟି ପ୍ୟାକ୍ସର ନକରିବା ପଛରେ ରହସ୍ୟ କ'ଣ? କାହିଁକି ସମବାୟ ବ୍ୟାଙ୍କଗୁଡିକୁ ପେଷାଦାର ଢଙ୍ଗରେ ପରିଚାଳିତ କରିବାର ସୁଯୋଗ ରାଜ୍ୟ ସରକାର ଦେଉନାହାନ୍ତି । ଏସବୁ ବ୍ୟାଙ୍କଗୁଡିକରେ ମୋଟ ମଞ୍ଜୁରୀପ୍ରାପ୍ତ ପଦବୀ ୪୭୬୧ ରହିଥିବାବେଳେ ଏବେ ସେଥିରୁ ୨୮୩୩ଟି ଖାଲି ପଡିଛି । କେବଳ କୁରିକାଲରେ ୬୩.୯% ପଦବୀ ଖାଲି ପଡିଛି । ରିଜର୍ଭ ବ୍ୟାଙ୍କର ସବୁ ନିୟମକୁ ଜଳାଞ୍ଜଳି ଦେଇ ଏସବୁ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ପରିଚାଳନା ବିଜେଡି ସରକାରରେ କାହା ନିର୍ଦ୍ଦେଶରେ ହେଉଛି ତାହା ଏବେ ସବୁଠୁ ସାଧାରଣରେ ବଡ ପ୍ରଶ୍ନ । ବେଳଥାଉ ଥାଉ ସାବଧାନ ନହେଲେ ଏହି ବ୍ୟାଙ୍କଗୁଡିକ ଆଉ କିଛି ବର୍ଷ ପରେ ସବୁଦିନ ପାଇଁ ବନ୍ଦ ହୋଇଯିବାର ଆଶଙ୍କାକୁ ଏଡାଇ ଦିଆଯାଇନପାରେ ।

ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତା ୩ ପ୍ରତିଶତ ବୃଦ୍ଧି

ପିଛିଲା ଭାବେ ଜାନୁଆରୀ ୨୦୨୨ରୁ ଲାଗୁ ହେବ

ଭୁବନେଶ୍ୱର, ୧୯।୯(ପି.ଏନ):- ରାଜ୍ୟ ସରକରୀ କର୍ମଚାରୀଙ୍କ ମହଙ୍ଗା ଭତାରେ ତିନି ପ୍ରତିଶତ ବୃଦ୍ଧି କରାଯାଇଛି । ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ଏହା ଫଳରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତା ୩୧ ପ୍ରତିଶତରୁ ୩୪ ପ୍ରତିଶତକୁ ବୃଦ୍ଧି ପାଇଲା । ଏହା ୧.୧.୨୦୨୨ରୁ ପିଛିଲା ଭାବରେ ଲାଗୁ କରାଯାଇଛି । ସଂଶୋଧିତ ହାରରେ ପେନ୍‌ସନ ପାଉଥିବା ପେନ୍‌ସନଭୋଗୀ ମାନଙ୍କ ଟି.ଆଇରେ ମଧ୍ୟ ତିନି ପ୍ରତିଶତ ବୃଦ୍ଧି କରାଯାଇଛି । କର୍ମଚାରୀ ଓ ପେନସନଭୋଗୀ ମାନେ ଚଳିତ ମାସର ଦରମାରେ ଏହି ବର୍ଦ୍ଧିତ ଭତା ପାଇବା ସହିତ ୨୦୨୨ ଜାନୁଆରୀରୁ ଅଗଷ୍ଟ ପର୍ଯ୍ୟନ୍ତ ବକେୟା ଭତା ଅଲଗା ଭାବେ ପ୍ରଦାନ କରାଯିବ । ଏହାଦ୍ୱାରା ରାଜ୍ୟ ସରକାରଙ୍କ ୪ ଲକ୍ଷ କର୍ମଚାରୀ ଓ ୩.୫ ଲକ୍ଷ ପେନ୍ସନଭୋଗୀ ଉପକୃତ ହେବେ ।

ଭୁବନେଶ୍ୱରରେ ୩୦ ହଜାର କର୍ମୀଙ୍କୁ ସମ୍ବୋଧିତ କରିବେ ଜେପି ନଡ୍ଡା !

ଭୁବନେଶ୍ୱର,୧୯।୯(ପି.ଏନ): ଆଗାମୀ ସାଧାରଣ ନିର୍ବାଚନ ପାଇଁ ଏବେଠୁ ବିଜେପି ନିଜର ପ୍ରସ୍ତୁତି ଜୋରଦାର କରିଛି । ପୁରୀରେ ୩ଦିନିଆ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର ପରେ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଭୁବନେଶ୍ୱରରେ ପ୍ରାୟ ୩୦ହଜାରରୁ ଅଧିକ କର୍ମୀଙ୍କୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି । ଶ୍ରୀ ନଡ୍ଡା ଆସନ୍ତା ୨୯ ତାରିଖରେ ଦୁଇଦିନିଆ ଓଡିଶା ଗସ୍ତରେ ଆସୁଛନ୍ତି । ରାଷ୍ଟ୍ରୀୟ ସଭାପତି ହେବା ପରେ ଶ୍ରୀ ନଡ୍ଡାଙ୍କର ଏହା ପ୍ରଥମ ଓଡିଶା ଗସ୍ତ ହୋଇଥିବାରୁ ଦଳ ପକ୍ଷରୁ ମଧ୍ୟ ତାଙ୍କୁ ଭବ୍ୟ ସ୍ୱାଗତ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି ।ବିଜେପି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ନିଜର ଦୁଇଦିନିଆ ଓଡିଶା ଗସ୍ତ ସମୟରେ ଶ୍ରୀ ନଡ୍ଡା ଭୁବନେଶ୍ୱର, କଟକ ଓ ପୁରୀ ଗସ୍ତରେ ଯିବେ । ଭୁବନେଶ୍ୱରରେ ସେ ଏକ ବିଶାଳ କର୍ମୀ ସମ୍ମିଳନୀକୁ ସମ୍ବୋଧିତ କରିବା ସହ ଆଗାମୀ ସାଧାରଣ ନିର୍ବାଚନ ନିମନ୍ତେ ଦଳର ବରିଷ୍ଠ ନେତାମାନଙ୍କ ସହ ରଣନୀତି ପ୍ରସ୍ତୁତ କରିବେ । ଶ୍ରୀ ନଡ୍ଡା ତାଙ୍କ ଗସ୍ତ କାଳରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବେ ବୋଲି ଜଣାପଡିଛି । ବିଜେପି ଏବେବି ଓଡିଶାରେ ନିଜର 'ମିଶନ-୧୨୦'କୁ ଫଳପ୍ରଦ କରିବା ନିମନ୍ତେ ରଣନୀତିରେ ଲାଗିଛି ତଥା ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ନଡ୍ଡାଙ୍କ ଆସିବା ପରେ ଏହି ମିଶନକୁ ସଫଳ କରିବା ନିମନ୍ତେ କର୍ମୀ ଓ ନେତାମାନଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇବ ବୋଲି ଦଳର ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି ।ସୂଚନାଯୋଗ୍ୟ, ଅଗଷ୍ଟ ୮ତାରିଖରେ କେନ୍ଦ୍ର ଗୃହମନ୍ତ୍ରୀ ତଥା ବିଜେପିର ଚାଣକ୍ୟ କୁହାଯାଉଥିବା ଅମିତ୍ ଶାହା ଓଡିଶା ଗସ୍ତରେ ଆସି ସମୟ ଅପଚୟ ନକରି ଆଗାମୀ ସାଧାରଣ ନିର୍ବାଚନ ନିମନ୍ତେ ପ୍ରସ୍ତୁତ ହେବାକୁ ଦଳର ନେତାମାନଙ୍କୁ ପରାମର୍ଶ ଦେଇଥିଲେ । ସେ ଦଳର ବୁଥକମିଟିକୁ ସୁଦୃ? କରିବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି । ଆଉ ଶ୍ରୀ ଶାହଙ୍କ ଓଡିଶା ଗସ୍ତ ପରେ ରାଜ୍ୟ ବିଜେପି ପ୍ରଭାରୀ ଭାବେ ସୁନୀଲ ବଂଶଲଙ୍କୁ ଦାୟିତ୍ୱ ମିଳିଛି । ଶ୍ରୀ ବଂଶଲ ବିଜେପିକୁ ୨୦୧୭ ଓ ୨୦୨୨ ମସିହାରେ ଉତ୍ତରପ୍ରଦେଶରେ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

କଟକରୁ ପୁଣି ନକଲି ଔଷଧ ଜବତ

ଭୁବନେଶ୍ୱର, ୧୯।୯(ପି.ଏନ): କଟକରୁ ପୁଣି ନକଲି ଔଷଧ ଜବତ ହୋଇଛି । ଦୋଳମୁଣ୍ଡାଇ ମହତାବ ରୋଡ ସ୍ଥିତ ଏକ ଟ୍ରାନ୍ସପୋର୍ଟରୁ ନକଲି ଔଷଧ ଜବତ କରିଛି ପୁରୀଘାଟ ଥାନା ପୋଲିସ ।ଭି ଆର ଡ୍ରଗ ଏଜେନ୍ସି ଏହି ନକଲି ଔଷଧ କଲିକତାରୁ ମଗାଇଥିଲା ।ଭି ଆର ଡ୍ରଗ ଏଜେନ୍ସିର ମାଲିକ ରାହୁଲ କ୍ୟାଲଙ୍କୁ ଗିରଫ କରାଯାଇଛି । ଜବତ ଔଷଧ ରକ୍ତଚାପ ରୋଗୀ ଖାଉଥିବା ଟେଲମା ୪୦ ଓ ଟେଲମା ଏ ଏମ ବୋଲି ଜଣାଯାଇଛି । ଜବତ ଔଷଧର ମୂଲ୍ୟ ତିନି ଲକ୍ଷ ଟଙ୍କା ହେବ । ସୂଚନାଯୋଗ୍ୟ, ନକଲି ଉଚ୍ଚ ରକ୍ତଚାପ ଔଷଧ କାରବାରରେ ସଂପୃକ୍ତ ଦୁଇ ଔଷଧ ଡିଲର ରାହୁଲ କ୍ୟାଲ୍ ଏବଂ ସଞ୍ଜୟ ଜଲାନଙ୍କୁ ଗିରଫ କରାଯାଇଛି ।

ଗଞ୍ଜେଇ ଚୋରା ଚାଲାଣରେ ସଂପୃକ୍ତ ୩ ଅବକାରୀ କର୍ମଚାରୀ ଜେଲ ଗଲେ

କୋରାପୁଟ, ୧୯।୯(ପି.ଏନ):- ଗଞ୍ଜେଇ ଭର୍ତି ଟ୍ରକକୁ ବାହାର ରାଜ୍ୟକୁ ଚାଲାଣ କରୁଥିବା ବେଳେ ପଟାଙ୍ଗି ପୋଲିସ ୩ ଅବକାରୀ କର୍ମଚାରୀଙ୍କୁ ଗିରଫ କରିଛି । ସୂଚନା ଅନୁଯାୟୀ କୋରାପୁଟ ଅବକାରୀ ବିଭାଗର ୩ କର୍ମଚାରୀ ଗଞ୍ଜେଇ ଭର୍ତି ଟ୍ରକ କୁ ଏସ୍କଟ କରି ବାହାର ରାଜ୍ୟକୁ ଚୋରା ଚାଲାଣ କରୁଥିବା ବେଳେ ମାଡ଼ି ବସିଥିଲା ପଟାଙ୍ଗି ପୋଲିସ ।ଗଞ୍ଜେଇ ଚୋରା ଚାଲାଣ ରେ ୩ ଅବକାରୀ କର୍ମଚାରୀଙ୍କ ସମେତ ୭ ଜଣଙ୍କୁ କୋରାପୁଟ ଏସପି ଓ ଅବକାରୀ ଅଧିକ୍ଷକଙ୍କ ଉପସ୍ଥିତିରେ ଘନ ଘନ ଜେରା କରାଯାଇଥିଲା । ପରେ ୭ ଜଣଙ୍କୁ କୋର୍ଟ ନିର୍ଦ୍ଦେଶ କ୍ରମେ ଜେଲ ହାଜତକୁ ପଠାଇ ଦିଆ ଯାଇଛି ବୋଲି ସୁନାବେଡା ଏସଡିପିଓ ଏକ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି ।କୋରାପୁଟ ଜିଲ୍ଲାରେ ଦିନ କୁ ଦିନ ଗଞ୍ଜେଇ ଚୋରା ଚାଲାଣ ବଢ଼ିବାରେ ଲାଗିଛି ।ଗଞ୍ଜେଇ ଚୋରା ଚାଲାଣ ଉପରେ ଚଢାଉ କରି କୋରାପୁଟ ଅବକାରୀ ବିଭାଗ ବାହା ବାହା ନେଉଥିବା ବେଳେ ଖୋଦ ଅବକାରୀ ବିଭାଗ ର କର୍ମଚାରୀ ଗଞ୍ଜେଇ ଚୋରା ଚାଲାଣ ରେ ସଂପୃକ୍ତ କୁ ନେଇ ସାଧାରଣରେ ନିନ୍ଦା କରାଯାଇଛି । ଅବକାରୀ କମିଶନର ଆଶିଷ ସିଂଙ୍କ ନିର୍ଦ୍ଦେଶ ଓ ସୂଚନା ଅନୁଯାୟୀ କୋରାପୁଟ ଜିଲ୍ଲାରୁ ଗଞ୍ଜେଇ ଚୋରା ଚାଲାଣକୁ ଧାରା ଯାଉଛି ବୋଲି କୋରାପୁଟ ଅବକାରୀ ଅଧିକ୍ଷକ ମନୋଜ ସେଠୀ ପ୍ରତି ସାମ୍ବାଦିକ ସମ୍ମିଳନୀ ରେ କହୁଥିବା ବେଳେ ୮୦୩ କେଜି ଗଞ୍ଜେଇ ଅବକାରୀ କର୍ମଚାରୀ ବାହାର ରାଜ୍ୟକୁ ଚାଲାଣ କରୁଥିବା ବେଳେ ଅବକାରୀ କମିଶନର ଓ କୋରାପୁଟ ଅବକାରୀ ଅଧିକ୍ଷକ ଙ୍କ ନଜର ରେ ଆସିନଥିଲା ବଡ ଆଶ୍ଚର୍ଯ୍ୟ ର ବିଷୟ ପାଲଟିଛି । ଏଇ ଗଞ୍ଜେଇ ଚୋରା ଚାଲାଣ କେବେ ଠାରୁ ହେଉଥିଲା ଆଉ କିଏ ସବୁ ଏଇ ଗଞ୍ଜେଇ ଚୋରା ଚାଲାଣ ରେ ସଂପୃକ୍ତ ଅଛନ୍ତି ତାହା ଏବେ ସନ୍ଦେହ ଘେରରେ । ଏ ବିଷୟରେ କୋରାପୁଟ ଅବକାରୀ ଅଧିକ୍ଷକ ଙ୍କ ସହିତ ଯୋଗାଯୋଗ କରିଥିଲୁ କିନ୍ତୁ ସେ ଏବେ ଛୁଟିରେ ଅଛନ୍ତି ବୋଲି କାର୍ଯ୍ୟାଳୟ ତରଫରୁ ସୂଚନା ମିଳିଛି ।ଏତେ ବଡ ଆକାରରେ ଗଞ୍ଜେଇ ଜବତ ସହିତ ଅବକାରୀ କର୍ମଚାରୀଙ୍କ ସଂପୃକ୍ତ ତା ସହିତ କୋରାପୁଟ ଅବକାରୀ ଅଧିକ୍ଷକ ଛୁଟିରେ ରହିବା କୁ ନେଇ ଅଧିକ ସନ୍ଦେହ ସୃଷ୍ଟି ହେଉଛି ।

ସଭାପତି ନିର୍ବାଚନ ଲାଗି ଯାଇଥିଲେ ଥରୁର, ଅଭୟବାଣୀ ଦେଲେ ସୋନିଆ

ନୂଆଦିଲ୍ଲୀ,୧୯।୯(ପି.ଏନ): କଂଗ୍ରେସ ନେତା ଶଶି ଥରୁରଙ୍କୁ ନେଇ କଳ୍ପନାଜଳ୍ପନା । ଗୋଟିଏ ପଟେ ରାହୁଲ ଗାନ୍ଧିଙ୍କୁ ସଭାପତି ପାଇଁ ଗୋଟିଏ ପରେ ଗୋଟିଏ ରାଜ୍ୟର କଂଗ୍ରେସ ସଂକଳ୍ପ ପାରିତ କରୁଥିବା ବେଳେ ଅନ୍ୟପଟେ ଆଶା ଛାଡି ନାହାନ୍ତି ଶଶି ଥରୁର । ଆଜି ଶଶି ଥରୁର କଂଗ୍ରେସର ଅନ୍ତରୀଣ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ୧୦ ଜନପଥରେ ଭେଟିଛନ୍ତି । କୁହାଯାଉଛି ଶଶି କଂଗ୍ରେସ ସଭାପତି ପାଇଁ ପ୍ରତିଦ୍ୱନ୍ଦିତା କରିବାକୁ ଆଗ୍ରହୀ ଥିବା ବେଳେ ସୋନିଆ ଗାନ୍ଧି ତାଙ୍କୁ ଗ୍ରୀନ ସିଗନାଲ ଦେଇଛନ୍ତି । କଂଗ୍ରେସ ସଭାପତି ଲାଗି ପ୍ରତିଦ୍ୱନ୍ଦିତା କରିବାକୁ ଶଶି ସଙ୍କଚ୍ ଅନୁଭବ କରୁଥିବା ବେଳେ ଆଜି ତାଙ୍କର ସବୁ ଭୟ ଦୂର କରିଛନ୍ତି ସୋନିଆ । ମିଳିଥିବା ସୂଚନା ଅନୁଯାୟୀ ଶଶି ସଭାପତି ନିର୍ବାଚନ ଲାଗି ସୋନିଆଙ୍କ ସହ ଅଲୋଚନା କରିଛନ୍ତି ।ଜବାବରେ ସୋନିଆ ଗାନ୍ଧି ମଧ୍ୟ ତାଙ୍କୁ ଅଭୟ ବାଣୀ ଦେଇଛନ୍ତି । ଅର୍ଥାତ ଥରୁର ଏବେ ବିନା ସଙ୍କଚ୍‌ରେ ନିର୍ବାଚନ ଲଢ଼ିପାରିବେ । ସୋନିଆ ଗାନ୍ଧି କୁଆଡ ? ଦଳର ଯେ କୌଣସି ନେତା ଚାହିଁଲେ ସଭାପତି ଲାଗି ଲ?ପାରିବେ ବୋଲି କହିଛନ୍ତି । ସୋନିଆ କହିଛନ୍ତି ଯେ, ବର୍ତ୍ତମାନ ଆପଣଙ୍କ ସମୟ । ନିର୍ବାଚନ ପ୍ରକ୍ରିୟା ଅନୁସାରେ ମତଦାନ ହେବ । କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି ଯେ, ଦଳରେ ଯିଏ ଚାହିଁବେ ସିଏ ନିର୍ବାଚନ ଲ?ିବା ଲାଗି ସୋନିଆଙ୍କ ଇଚ୍ଛା ।ଆଜି ଥରୁର ଅଧ୍ୟକ୍ଷ ପଦ ନିର୍ବାଚନକୁ ନେଇ ଲଢି ପାରିବେ କି ନାହିଁ ସୋନିଆଙ୍କ ଉତ୍ତର ଚାହିଁଥିଲେ । ଥରୁରଙ୍କ ପ୍ରଶ୍ନର ଉତ୍ତର ଦେଇଛନ୍ତି ସୋନିଆ ଗାନ୍ଧି ।ଆଲୋଚନା ସମୟରେ ସୋନିଆ ଏହା ସ୍ପଷ୍ଟ କରି ଦେଇଛନ୍ତି ଯେ, କଂଗ୍ରେସ ଅଧ୍ୟକ୍ଷ ପଦର ନିର୍ବାଚନରେ ଯେ କେହି ବି ଲଢିପାରିବ । ଗାନ୍ଧୀ ପରିବାର ପକ୍ଷରୁ କୌଣସି ଆନୁଷ୍ଠାନିକ ପ୍ରାର୍ଥୀ ଘୋଷଣା କରାଯାଇ ନାହିଁ । ଥରୁର ଏଥର ଅଧ୍ୟକ୍ଷ ପଦରେ ନିର୍ବାଚନ ଲ?ିବା ଏଥିରୁ ସଙ୍କ?ତ ମିଳୁଛି । । ଆଜି ଥରୁରଙ୍କ ସହ ଦଳର ଅନ୍ୟ ନେତା ଦିପେନ୍ଦର ହୋଡା, ଜୟ ପ୍ରକାଶ ଅଗ୍ରୱାଲ ଓ ବିଜେନ୍ଦର ସିଂହ ୧୦ ଜନପଥରେ ପହଞ୍ଚିଥିଲେ । ପୂର୍ବରୁ ସଭାପତି ନିର୍ବାଚନ ପାଇଁ ଥରୁର ପ୍ରତିଦ୍ୱନ୍ଦିତା ଲାଗି ସଙ୍କ?ତ ଦେଇଥିଲେ । ଥରୁର କଂଗ୍ରେସର ବିଦ୍‌ରୋହୀ ଗୋଷ୍ଠୀ ଜି-୨୩ରେ ସାମିଲ ନଥିଲେ । ତଥାପି ଦଳରେ ସଂସ୍କାର ପାଇଁ ସେ ଅନେକ ସମସୟରେ ପ୍ରସ୍ତାବ ଦେଇଥିଲେ । ଗତ ମାର୍ଚ୍ଚ ମାସରେ ଥରୁର ଜି-୨୩ ଗୋଷ୍ଠୀର ନେତାଙ୍କୁ ଭେଟିଥିଲେ । କିଛି ଦିନ ପୂର୍ବରୁ ସଭାପତି ନିର୍ବାଚନ ପାଇଁ ଇଲେକ୍ଟୋରାଲ ରୋଲ୍ ପ୍ରକାଶ କରିବାକୁ ଥରୁର ଦାବି କରିଥିଲେ । କଂଗ୍ରେସ ନିର୍ବାଚନ କମିଟି ଅଧ୍ୟକ୍ଷ ମଧୁସୂଦନ ମିସ୍ତ୍ରୀଙ୍କୁ ଚିଠି ଲେଖି ଥରୁର କହିଥିଲେ, କିଏ ମନୋନୀତ କରିପାରିବେ ଏବଂ କିଏ ଭୋଟ୍ ଦେଇପାରିବେ, ସେ ବିଷୟରେ ସମସ୍ତେ ଜାଣିବା ଉଚିତ । ତେଣୁ ଇଲେକ୍ଟୋରାଲ ରୋଲ୍ ସାର୍ବଜନୀନ କରିବା ଜରୁରୀ ।

ବିଶିଷ୍ଟ ସାହିତ୍ୟିକ ଗୌରହରି ଦାସ ପାଇବେ ଶାରଳା ପୁରସ୍କାର

ଭୁବନେଶ୍ୱର,୧୯।୯(ପି.ଏନ): ବିଶିଷ୍ଟ ସାହିତ୍ୟିକ ତଥା କଥାକାର ଡ. ଗୌରହରି ଦାସ ପାଇବେ ମର୍ଯ୍ୟାଦାଜନକ ଶାରଳା ପୁରସ୍କାର । ୨୦୧୮ ମସିହାରେ ପ୍ରକାଶିତ ଗଳ୍ପ ପୁସ୍ତକ 'ବାଘ ଓ ଅନ୍ୟାନ୍ୟ ଗଳ୍ପ' ପାଇଁ ତାଙ୍କୁ

ଟି ଟାଇମ୍

ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

ଭାଇଜାନ୍‌ଙ୍କ ଚମକ

୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ଐସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୁ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ

ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

ପୁରାଣ କାହାଣୀ

ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କଡ଼୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନୀୟନ୍ତା , ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।

ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ୱର୍ଗରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉହାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୁଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ

ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜେଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ



ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ "ଦି ଇଣ୍ଟରଭ୍ୟୁ ଟାଇମ୍ସ" ପରିବାର ତରଫରୁ ସମ୍ମାନଜନକ "ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି" ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସ୍ୱତନ୍ତ୍ର ସଂଖ୍ୟା "ଭିଜନ୍ ଅଫ୍ ଓଡ଼ିଶା-୨୦୧୯" ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପ୍ୟୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-

ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ

ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

ଆଜିର ଭାଗ୍ୟ

ମେଷ — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

ବୃଷ — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

ମିଥୁନ — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

କର୍କଟ — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

ସିଂହ — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

କନ୍ୟା — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

ତୁଳା — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ୍ୟ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

ବିଛା — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

ଧନୁ — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହି

ସତ୍‌ସଙ୍ଗର ଆହ୍ୱାନ: ଯଜନ, ଯାଜନ ଓ ଇଷ୍ଟଭୃତି



ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ସ୍ୱହସ୍ତ ଲିଖିତ ପବିତ୍ର ଗ୍ରନ୍ଥ ସତ୍ୟାନୁସରଣର ଅମୋଘ ବାଣୀ - ସଦ୍‌ଗୁରୁଙ୍କର ଆଦେଶ ପାଳନ ପରି ଆଉ ମନ୍ତ୍ର କ'ଣ ଅଛି ? ଚାଲ ଆଗେଇ ଯାଅ, ରାସ୍ତା ଭାବି କ୍ଳାନ୍ତ ହୋଇପଡ଼ ନାହିଁ। ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍‌ନାମ ମନନ କର ଓ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର, ମୁଁ ନିଶ୍ଚୟ କରି କହୁଛି ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ। ସଦ୍‌ଗୁରୁଙ୍କୁ ଧରିବାକୁ ହୁଏ, ସତ୍ କାମ କରିବାକୁ ହୁଏ। ଶରୀର ପାଇଁ ଖାଦ୍ୟ ନିହାତି ଦରକାର, ସବୁଦିନ ଯଦି ଖାଦ୍ୟ ନଖାଇବୁ ତେବେ ଶକ୍ତ ଶରୀର ମଧ୍ୟ ଭାଙ୍ଗି ପଡ଼ିବ। ତେଣୁ ଶରୀର ପରି ମନପ୍ରାଣ - ସୁରତ ବା ଆତ୍ମାକୁ ମଧ୍ୟ ତାର ଉପଯୁକ୍ତ ଖୋରାକ ନିତ୍ୟ ଦେବା ଦରକାର। ନ ହେଲେ ତାହା କ୍ଷୀଣ ବା ଦୁର୍ବଳ ହୋଇପଡ଼ିବ, ଶାନ୍ତି ଓ ସ୍ୱସ୍ତି ବ୍ୟାହତ ହେବ। ଯଜନ, ଯାଜନ ଓ ଇଷ୍ଟଭୃତି ହିଁ ହେଲା ମନପ୍ରାଣ - ସୁରତର ପ୍ରଧାନ ଖୋରାକ। ନାମଧ୍ୟାନ ପ୍ରତିଦିନ ନିୟମିତ ଭାବେ କରିବାକୁ ହୁଏ, ଗୁରୁଙ୍କର କଥା ସଦା ସର୍ବଦା କହିବାକୁ ହୁଏ। ପିତାମାତାଙ୍କୁ ଯେପରି ଆମେ ପ୍ରତିଦିନ ଖାଇବାକୁ ଦେଇଥାଉ, ଗୁରୁଙ୍କୁ ମଧ୍ୟ ସେହିପରି ରୋଜ ଖାଇବାକୁ ଦେବାକୁ ହୁଏ। ତାଙ୍କୁ ଦେବାପରେ ନିଜେ ଖାଇବାକୁ ହୁଏ। ଗୁରୁ ଆଧ୍ୟାତ୍ମିକ ଓ ସର୍ବତୋ-ଭାବେ ଆମ୍ଭମାନଙ୍କର ପିତା ଅର୍ଥାତ୍ ପାଳନକର୍ତ୍ତା ଓ ରକ୍ଷାକର୍ତ୍ତା। ଗୁରୁମୟ ହେଲେ ହିଁ ଜୀବନ ଗୌରବମୟ ହୁଏ। ଜୀବନର ନୀତିବିଧି ଯଦି ମାନି ଚାଲୁ ଆମ୍ଭମାନଙ୍କୁ ଆଉ ଠକାଇବ କିଏ ? ଆମେ ସେତେବେଳେ କ୍ରମୋନ୍ନତି ଓ ଶାନ୍ତିର ପଥରେ ନିଶ୍ଚୟ ଚାଲିବା। ସଦ୍‌ଗୁରୁଙ୍କୁ ଚିହ୍ନିବାର ପ୍ରଥମ ଲକ୍ଷଣ ହେଲା ଯେ - ସଦ୍‌ଗୁରୁ ତାଙ୍କର ଗୁରୁଙ୍କ ଠାରେ ସର୍ବତୋ ଭାବରେ ସଂନ୍ୟସ୍ତ ହେବେ। ତାଙ୍କର କହିବା, କରିବା ଓ ଭାବିବା ମଧ୍ୟରେ କିଛି ଫରକ୍ ରହେନାହିଁ। ପୂର୍ବତନଙ୍କ ପ୍ରତି ତାଙ୍କର ପ୍ରଣତି ରହିବ ହିଁ ରହିବ। ସେ ପ୍ରତ୍ୟେକଙ୍କର ବୈଶିଷ୍ଟ୍ୟ ରକ୍ଷା କରି ଚଳନ୍ତି। ସେ ଅଲୌକିକତାର ଆଶ୍ରୟ ଗ୍ରହଣ ନକରି ମନୁଷ୍ୟକୁ ସହଜ ପଥରେ ଏପରି ଭାବରେ ପରିଚାଳନା କରନ୍ତି ଯାହାଦ୍ୱାରା ସେମାନଙ୍କର ଚାରିତ୍ରିକ ବିକାଶ ଘଟେ। ମନୁଷ୍ୟକୁ ପ୍ରକୃତ ମନୁଷ୍ୟତ୍ୱର ଅଧିକାରୀ କରି ତୋଳିବା ଦିଗରେ ହିଁ ଝୁଙ୍କ ରହିବ ସବୁଠାରୁ ବେଶୀ। ଏହା ହେଉଛି ସଦ୍‌ଗୁରୁଙ୍କର ମୌଳିକ ଓ ସାର୍ବଜନୀନ ଚାରିତ୍ରିକ ଲକ୍ଷଣ। ସଦ୍‌ଗୁରୁଙ୍କର ଅହଂ ଅତ୍ୟନ୍ତ ପତଳା, ସମସ୍ତଙ୍କୁ ସହନ ଓ ବହନ କରିବାର ଶକ୍ତି ଅପରିସୀମ। ନିଜର ଗୁଣଗାନ କରିବାର ଅଭ୍ୟାସ ତାଙ୍କର କେବେ ନଥାଏ। ଅନ୍ୟକୁ ବଡ଼ କରିବା, ହିଁ ତାଙ୍କର ସୁଖ, ଆତ୍ମ-ପ୍ରତିଷ୍ଠାର ଇଚ୍ଛା ତାଙ୍କ ପାଖରେ କେବେ ନଥାଏ ବରଂ ଆଦର୍ଶ ପ୍ରତିଷ୍ଠା ହିଁ ତାଙ୍କର ଏକମାତ୍ର ଧନ୍ଦା। ତାଙ୍କ ଚରିତ୍ର ଅସ୍ୱାଭାବିକ ଭାବେ ସ୍ୱାଭାବିକ, ସେ ଯେପରି ପ୍ରକୃତିର ଶିଶୁ। ତାଙ୍କର ମଧୁର ବ୍ୟକ୍ତିତ୍ୱ ମଣିଷକୁ ସ୍ୱତଃ ହିଁ ମୋହିତ କରେ। ଗୁରୁକରଣ କରିବାକୁ ହେଲେ ଦେଖିବାକୁ ହୁଏ ଯେ ଗୁରୁ ନିଜେ ଆତ୍ମ ନିବେଦିତ କି ନୁହେଁ, ସେ ପ୍ରବୃତ୍ତି ଅଭିଭୂତିର ଉର୍ଦ୍ଧ୍ୱ ରାଜ୍ୟର ମନୁଷ୍ୟ। ଗୁରୁ ଗ୍ରହଣମାନେ ଆଚାର୍ଯ୍ୟ ବା ଇଷ୍ଟ ଗ୍ରହଣ। ଏହି ଆଚାର୍ଯ୍ୟ ହେଲେ ଜୀବନ୍ତ ଦିଶାରୀ। ସେ ହେଉଛନ୍ତି ମୂର୍ତ୍ତ ନିଷ୍ଠା। ଗୁରୁଙ୍କ ଉପରେ ଯଦି ନିଷ୍ଠା ଓ ଆନୁଗତ୍ୟ ନଥାଏ ତାହାଲେ ମନୁଷ୍ୟ କେବଳ ନିଜସ୍ୱ ବୁଦ୍ଧି ଓ ଜ୍ଞାନଦ୍ୱାରା ଜୀବନରେ ସର୍ବତୋମୁଖୀ ସାଫଲ୍ୟରେ ପହଞ୍ଚି ପାରିବନାହିଁ। ଦୀକ୍ଷାମାନେ ଦକ୍ଷତାର ଅନୁଶୀଳନ, ଯାହା କରୁ କରୁ ସର୍ବତୋମୁଖୀ ଦକ୍ଷତା ସ୍ୱତଃ ହିଁ ବଢ଼ି ଉଠେ। ଅନେକେ ଦୀକ୍ଷା ନେବାକୁ ଚାହାଁନ୍ତି ନାହିଁ। ଶ୍ରୀ ଶ୍ରୀ ଠାକୁର କହିଲେ - ତାହାମାନେ ସେ ଜୀବନ ହିଁ ଚାହେଁନା। ମଣିଷ ଜୀବନର ଅସଲ ସମ୍ପଦ ହେଲା ସଦ୍‌ଗୁରୁଙ୍କ ପାଖରୁ ଦୀକ୍ଷା ନେଇ ତାଙ୍କ ପ୍ରତି ଅଚ୍ୟୁତ୍ ଓ ଅନୁରାଗ ସମ୍ପନ୍ନ ହୋଇ ଚଳିବା। ସତ୍ ଦୀକ୍ଷା ନେବା ପାଇଁ ମନୁଷ୍ୟର ଆପତ୍ତି ଥାଏ ଅର୍ଥ - ଆମେ ପ୍ରବୃତ୍ତିର ଅନୁଚର ହୋଇଛୁ। ଅମୃତ ଅରୁଚି ହୁଏ ସେତେବେଳେ, ଯେତେବେଳେ ଆମେ ମୃତ୍ୟୁକୁ ଭଲ ପାଉ। ତେଣୁ ଦୀକ୍ଷା ଗ୍ରହଣର ପ୍ରୟୋଜନ ଜୀବନର ଅତ୍ୟନ୍ତ ଅକାଟ୍ୟ। ପ୍ରାଣଶକ୍ତିର ଏକ ଅଖଣ୍ଡତା ଅଛି, ପ୍ରାଣଶକ୍ତିର ଏହି ଅଖଣ୍ଡତା ବାଦ ଦେଇ ଜୀବନ ଯେପରି ଜୀବନ୍ତ ରହେନାହିଁ ସେହିପରି ଏକ କେନ୍ଦ୍ରିକତା ବାଦ୍ ଦେଇ ସଂଗତିପୂର୍ଣ୍ଣ-ଜୀବନ୍ତ-ଜୀବନଦର୍ଶନ ଗଢ଼ି ଉଠେନାହିଁ। ଯାହାଙ୍କୁ କେନ୍ଦ୍ର କରି ଚାଲିବାକୁ ହୁଏ, ସେ ମନୁଷ୍ୟ ଜଣେ ସମାଧାନ ପ୍ରାପ୍ତ ଓ ସଙ୍ଗତ ମନୁଷ୍ୟ ହେବା ଏକାନ୍ତ ଆବଶ୍ୟକ। ତାହାଙ୍କୁ ଆମ୍ଭେମାନେ ଇଷ୍ଟ କହୁ। ଇଷ୍ଟ ନିଷ୍ଠା ହିଁ ତୁମର ମୁକ୍ତି, ଇଷ୍ଟ ନିଷ୍ଠା ହିଁ ପରାଗତି, ଇଷ୍ଟ ନିଷ୍ଠା ହିଁ ବ୍ରାହ୍ମୀ ପଥ, ନିଷ୍ଠା ହିଁ ତୁମର ଜୀବନ ଗତି।

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର, ସହ-ପ୍ରତିରକ୍ଷକ ଓ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,ଦୂରଭାଷ : ୯୪୩୭୦୫୧୯୫୭

କରୁଣା ଓ କଲ୍ୟାଣ ଗଙ୍ଗାର 'ମା'-ମନୋରମା

•••••••ଅକ୍ଷୟ କୁମାର ରାଉତ••••••• ସୋସାଇଟିର ସଭାପତି, ଓଡ଼ିଶା ନାରୀସେବା



ସ୍ରଷ୍ଟା ବିଚିତ୍ର , ସୃଷ୍ଟି ବିଚିତ୍ର, ବିଚିତ୍ର ଏ ବିଶ୍ୱ, ବିଚିତ୍ର ଏହି ସୁନ୍ଦର ପୃଥିବୀ, ବିଶ୍ୱନିୟନ୍ତାଙ୍କର କ୍ରୁର ନିର୍ଦ୍ଦେଶରେ ମଣିଷ, ପଶୁ, ପକ୍ଷୀ, ବୃକ୍ଷଲତା, କୀଟପତଙ୍ଗ, ସମସ୍ତେ କାଳର କରାଳ ଗତିରେ ବିଲୀନ। ପ୍ରକୃତିର ଅପୂର୍ବ ଶୋଭା ସୂର୍ଯ୍ୟ, ଚନ୍ଦ୍ର, ତାରା ଓ ଗ୍ରହମଣ୍ଡଳ। ସୃଷ୍ଟିର ଚିତ୍ରରେ ଅନେକ ଚିତ୍ର ବିଚିତ୍ର, ସୁନ୍ଦର କମନୀୟ, ନମନୀୟ ପ୍ରାଣ ଏବଂ ସେମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ଈଶ୍ୱରଙ୍କ ପ୍ରଥମ ସୋପାନରେ ଆମ ମନୁଷ୍ୟ ସମାଜ, ମନୁଷ୍ୟର ପ୍ରକୃତି ଓ ଆକୃତି ପ୍ରତ୍ୟେକଙ୍କଠାରୁ ଭିନ୍ନ ଭିନ୍ନ। ସେହି ଭିନ୍ନ ଭିନ୍ନ ପରିମାପ କରିବା ପାଇଁ ରହିଛି ଅନନ୍ତ ଆକାଶ, ମାପକାଠି ମଧ୍ୟରେ ଅନିତ୍ୟ, ଅସାର କ୍ଷଣଭଙ୍ଗୁର ମାୟାମୋହ ସଂସାର ସାଗରକୁ ପାରି କରିବା ପାଇଁ 'ଗୁରୁ ମା' ବାଟ ଦେଖାନ୍ତି। ସେହି କରୁଣାମୟୀ 'ଗୁରୁ ମା'ଙ୍କ କୃପାରୁ ଆମେ ସମସ୍ତେ ଦୁଇପାଦ ଆଗେଇ ଥାଉ। ବିନା ସ୍ୱାର୍ଥରେ ବିନା ଦ୍ୱିଧାରେ ଯାହାଙ୍କ ପ୍ରତି ସ୍ପର୍ଶରେ ଆମ୍ଭେ ଆଲୋକିତ। ସସାଗରା ଧରା ଶୃଙ୍ଖଳିତ ସେହି 'ଗୁରୁ ମା' ଅଧ୍ୟାପିକା ଡକ୍ଟର ମନୋରମା ମହାପାତ୍ରଙ୍କୁ କିଏବା ଭୁଲିବ! ସେ ଦୂର ଦିଗ୍‌ବଳୟ ଆରପାରିର ଚନ୍ଦ୍ରମା। ତାଙ୍କରି ଜ୍ୟୋତ୍ସ୍ନାରେ ଆଲୋକିତ, ମହକିତ, ଉଲ୍ଲସିତ ଧରାପୃଷ୍ଠ।

ଦେଶ ପରାଧୀନତା ଶୃଙ୍ଖଳରେ ଆବଦ୍ଧ। ସେହି ସମୟରେ ଏକ ମହନୀୟ ବ୍ୟକ୍ତିତ୍ୱ, ବିଶିଷ୍ଟ ଶିକ୍ଷାବିତ୍, ସମାଜସେବିକା, ଲେଖିକା, ସ୍ତମ୍ଭକାର, ବାଗ୍ମୀ, ୧୯୩୪ ମସିହା ଜୁନ ୧୦ ତାରିଖ ଦିନ କଟକ ଆଠଗଡ଼ ଅନ୍ତର୍ଗତ ରାଧାନାଥପୁର ଶାସନରେ ପିତା ପଦ୍ମଭୂଷଣ ଡକ୍ଟର ରାଧାନାଥ ରଥ ଓ ମାତା ସାବିତ୍ରୀ ଦେବୀଙ୍କ ଚତୁର୍ଥ ସନ୍ତାନ ଭାବେ କୋଳମଣ୍ଡନ କରିଥିଲେ। ପିଲାବେଳୁ ସେ ଧୈର୍ଯ୍ୟ ଓ ସାହସର ପ୍ରତୀକ ଥିଲେ। ସେ କେବେ ଭାଙ୍ଗି ପଡୁ ନ ଥିଲେ ଦୁଃଖ ଓ ଯାତନାରେ। ମନୋରମା ମହାପାତ୍ର (ସୁଲୁ) ପ୍ରାଥମିକ ଶିକ୍ଷା ପରେ ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟରୁ ମ୍ୟାଟ୍ରିକ୍ ପାଶ୍ କରିବା ପରେ ଶିକ୍ଷାକ୍ଷେତ୍ରରେ ଗୁରୁ ମା' ରୂପେ ଶିକ୍ଷାଦାନ କରିବାକୁ ସ୍ୱପ୍ନ ଦେଖୁଥିଲେ । ସେ ଅର୍ଥନୀତିରେ ସ୍ନାତକୋତର ପାସ୍ କରିବା ପରେ ଅଧ୍ୟାପିକା ଭାବେ କାର୍ଯ୍ୟ କରିଥିଲେ। ସେ ପଦାରବିନ୍ଦ ମହାପାତ୍ରଙ୍କ ଧର୍ମପତ୍ନୀ ଭାବେ ସଂସାର ଜଂଜାଳ ମଧ୍ୟରେ ରହି ସମାଜ ସେବା, ସାମ୍ବାଦିକତା ଓ ସାହିତ୍ୟ ସେବାରେ ନିଜକୁ ନିୟୋଜିତ କରୁଥିଲେ। ପ୍ରାଧ୍ୟାପିକା ଭାବେ ଦୀର୍ଘ ୧୫ ବର୍ଷ କାଳ ଶିକ୍ଷାଦାନ କରି ୧୯୮୫ ମସିହାରେ ସରକାରୀ ଚାକିରିରୁ ଅବସର ନେଇ ସମାଜ ଓ ଦେଶସେବାରେ ଲାଗି ପଡ଼ିଥିଲେ। ସେ ବହୁ ବର୍ଷ ଧରି ଓଡ଼ିଶା ସାହିତ୍ୟ, ଶିଶୁ ସାହିତ୍ୟ ଅନୁବାଦ ଆଦି ପ୍ରତିଟି ବିଭାଗରେ ନିଜର ପ୍ରତିଭାର ପରିଚୟ ଦେଇଛନ୍ତି । ସାହିତ୍ୟ ଓ ସାମ୍ବାଦିକତା ପ୍ରତି ଥିବା ଦୁର୍ବଳ ମନୋଭାବ ଯୋଗୁ ସେ ରେଭେନ୍ସା ମହାବିଦ୍ୟାଳୟର ଅଧ୍ୟାପନା ଛାଡ଼ି ଦୈନିକ ସମ୍ବାଦପତ୍ର 'ସମାଜ'ରେ ଯୋଗଦେଇ ପରବର୍ତ୍ତୀ ସମୟରେ କାର୍ଯ୍ୟକାରୀ ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ। ସେ ଓଡ଼ିଆ, ସଂସ୍କୃତ, ହିନ୍ଦୀ, ବଙ୍ଗଳା ଭାଷାରେ ପାରଙ୍ଗମ ଥିଲେ । ସେ ଡଗଡମାଳିର ଓଜସ୍ୱିନୀ ବକ୍ତା ଭାବେ ସୁଖ୍ୟାତି ଅର୍ଜନ କରିଥିଲେ। ସେ ଜଗନ୍ନାଥ ସଂସ୍କୃତିର ଉପାସକ ଭାବେ ରଥଯାତ୍ରା ସମୟରେ ଆକାଶବାଣୀ ଓ ଦୂରଦର୍ଶନରେ ସିଧା ପ୍ରସାରଣରେ ଅଂଶଗ୍ରହଣ କରୁଥିଲେ। ସେ ସ୍ତମ୍ଭକାର ଭାବେ 'ଝିଟିପିଟି କହେ' ସ୍ତମ୍ଭରେ ଶତାଦ୍ଦୀ ନାମରେ 'ସମାଜ' ପୃଷ୍ଠାରେ ବହୁବର୍ଷ ଧରି ଲେଖି ଆସୁଥିଲେ।

ସାରସ୍ୱତ କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ । ତାଙ୍କ ପୁସ୍ତକଗୁଡ଼ିକ ମଧ୍ୟରେ ରହିଛି-ଜୁଆର ଯେଉଁଠି ଉଠେ (୧୯୬୦), ଅର୍ଦ୍ଧନାରୀଶ୍ୱର (୧୯୯୧), ବୈଦେହୀ ବିସର୍ଜିତା (୧୯୯୭), ଶ୍ରୁତି ଚନ୍ଦନ, ଆମେ ସବୁ ନିରବ ଦର୍ଶକ, ରୂପମ୍ ରୂପମ୍ ପ୍ରତିରୂପମ୍, ସମୟ ପୁରୁଷ (୨୦୦୮), ମଧୁବାତା ଋତାୟତେ (୧୯୯୦), ବନ୍ଦ ଘରୁକେ କିବାଡ଼ (ହିନ୍ଦୀ), ଶକ୍ତି ରୂପେଣ ସଂସ୍ଥିତା (୨୦୦୧), ସମସାମୟିକ ରୁଷୀୟ କବିତା ଅନୁବାଦ, ବ୍ୟୁହ ଭେଦ, ଝଡ଼ ପରେ ସୂର୍ଯ୍ୟୋଦୟ, ଦେବଦୂତି, ଦ୍ୟୁତି ଦନହର, ଶୋକର ସନ୍ତାନ, ସ୍ମୃତିସଭା, ଏ ପୃଥିବୀ ଶରଶଯ୍ୟା, ଉତରା ନିରୁତରା, ଅଛିଣ୍ଡା ମାସ ଛିଣ୍ଡା ଦଉଡ଼ି, ବଣ ରାଇଜର କଥା, ସୁର ରାଇଜର କଥା, ରନ୍ଧ୍ରଦୀପ, ଅଜାଙ୍କ ମୁଣିରୁ, ବିରାଡ଼ିମାନଙ୍କ ଅନଶନ, ହାଣ୍ଡିଶାଳରୁ ରାଜଦରବାର ଇତ୍ୟାଦି ଅନେକ ସାହିତ୍ୟ କୃତି। ସାହିତ୍ୟ କ୍ଷେତ୍ରରେ ନିଜର ବଳିଷ୍ଠ ଅବଦାନ ଯୋଗୁ ସେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅନେକ ଥର ପୁରସ୍କୃତ ହୋଇଛନ୍ତି। ଶିଶୁ ସାହିତ୍ୟ ପୁସ୍ତକ 'ବଣ ରାଇଜର କଥା' ପାଇଁ ୧୯୮୪ ମସିହାରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ସେ ପୁରସ୍କାର ଲାଭ କରିଛନ୍ତି। ଅନ୍ୟ ପୁରସ୍କାର ମଧ୍ୟରେ- ୧୯୮୮ରେ ସୋଭିଏତ୍ ଲ୍ୟାଣ୍ଡ ନେହୁର ପୁରସ୍କାର, କନ୍ନଡ଼ ସାହିତ୍ୟ ଏକାଡ଼େମୀ ପୁରସ୍କାର, ଓଡ଼ିଆ ଆମେରିକାନ ସୋସାଇଟି ଅଓ୍ୱାର୍ଡ଼, ମଧୁସୂଦନ ଫାଉଣ୍ଡେସନ୍ ଦ୍ୱାରା ପ୍ରଥମ ମିଡ଼ିଆ ଆଓ୍ୱାର୍ଡ଼, ଶାରଳା ପୁରସ୍କାର, ଜୟଦେବ ସମ୍ମାନ, ଝଙ୍କାର ପୁରସ୍କାର, ପ୍ରଜାତନ୍ତ୍ର ବିଷୁବ ମିଳନ ପୁରସ୍କାର, ଉତ୍କଳ ସାହିତ୍ୟ ସମାଜ କବିତା ସମ୍ମାନ ପ୍ରଭୃତି ବିଭିନ୍ନ ସମ୍ମାନ ଲାଭ କରିଥିଲେ। ସେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରୁ ସମ୍ମାନସୂଚକ ଡିଲିଟ୍ ଲାଭ କରିଥିଲେ । ସେ ନିଜର କୃତି ବଳରେ ବିଭିନ୍ନ ଅନୁଷ୍ଠାନ ସହିତ ଜଡ଼ିତ ହୋଇଥିଲେ । ଜଣେ ସଙ୍ଗଠିକା ଭାବେ ଲୋକସେବକ ମଣ୍ଡଳର ଆଜୀବନ ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଭାପତି, ଓଡ଼ିଶା ରେଡ଼କ୍ରସ୍ ସଂଘର ଉପସଭାପତି, ପ୍ରେସ୍ କାଉନସିଲ ଅଫ୍ ଇଣ୍ଡିଆ ସଦସ୍ୟ, ଅଖିଳ ଭାରତୀୟ ସେବା ଦଳର ଓଡ଼ିଶା ଶାଖା ସମ୍ପାଦିକା ଓ ସଭାପତି ହୋଇଥିଲେ । ଏପରିକି ପ୍ରଧାନମନ୍ତ୍ରୀ ମିଡ଼ିଆ ପାର୍ଟିରେ ଜଣେ ସାମ୍ବାଦିକ ଭାବେ ବିଭିନ୍ନ ଦେଶ ପରିଭ୍ରମଣ କରିଥିଲେ। ଓଡ଼ିଶା ସାହିତ୍ୟ ସାମ୍ବାଦିକତା ଓ ସାମାଜିକ କାର୍ଯ୍ୟ କ୍ଷେତ୍ରରେ ଅତି ପରିଚିତ, ଡକ୍ଟର ମନୋରମା ମହାପାତ୍ର ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଗତବର୍ଷ ଶନିବାର (୧୮.୦୯.୨୦୨୧) ଦିନ ତାଙ୍କୁ କଟକ ବଡ଼ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୮୭ ବର୍ଷ ବୟସ ହୋଇଥିଲା। ଏହିଭଳି ଏକ ସମାଜସେବୀ, ଶିକ୍ଷାବିତ୍, ଲେଖିକା, ସ୍ତମ୍ଭକାର, ବାଗ୍ମୀ ସମାଜସେବୀକଙ୍କର କର୍ମମୟ ଜୀବନର ଅବସାନ ଘଟିଲା। ମାତ୍ର ତାଙ୍କର କୃତୀ ତାଙ୍କୁ ଅମର କରି ରଖିବ। ତାଙ୍କ ସୁନାମର ସୁମନ, ସୁବାସ ମହକିତ କରୁଥିବ ଏ ମାଟିକୁ ।

-ପାରାଦ୍ୱୀପ ଗଡ଼, କୁଜଙ୍ଗ, ଜଗତସିଂହପୁର, ମୋ- ୯୯୩୭୬୯୧୪୭୫

କାମନାର ଦାସ ହୁଅନାହିଁ !

ଯେତେ ଧନର ମାଲିକ ହେଲେ ମଧ୍ୟ ତୁମେ ସେ ଆନନ୍ଦ ପାଇ ପାରିବ ନାହିଁ। ମୋ ଠାରୁ ସେ ଆନନ୍ଦ ନିଅ। ଯେତେ ତୀର୍ଥ ଭ୍ରମଣ କଲେ ସୁଦ୍ଧା ସେ ଆନନ୍ଦ ଅନୁଭବ କରି ପାରିବ ନାହିଁ। ମୋ ଠାରୁ ସେ ଆନନ୍ଦ ନିଅ। ଯେତେ ବିଦ୍ୟାରେ ପାରଙ୍ଗମ ହେଲେ ମଧ୍ୟ ସେ ଆନନ୍ଦ ପାଇ ପାରିବ ନାହିଁ। ମୋ ଠାରୁ ତାହା ନିଅ। ସେଥିପାଇଁ ପଇସା ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ, କୌଣସି ଶକ୍ତି ଅପଚୟ କରିବାକୁ ହେବନାହିଁ। କୌଣସି ସାଧନା ମଧ୍ୟ କରିବା ଦରକାର ନାହିଁ। ସାଇଙ୍କ ଠାରୁ ସେ ଆନନ୍ଦ ପାଇବାକୁ ହେଲେ, ତୁମର ହୃଦୟଟି କେବଳ ସାଇଙ୍କୁ ଦେବାକୁ ହେବ। ଜଣେ ସୁଜ୍ଞାନୀ ବା ଭଲଲୋକ ହେଉଛନ୍ତି ସିଏ, ଯେ, ନିଜର ଭୁଲ ଗୁଡ଼ିକ ଦେଖିବାକୁ ଚେଷ୍ଟା କରନ୍ତି। ଯେ ଅନ୍ୟମାନଙ୍କର ଭୁଲ ଖୋଜନ୍ତି ସେ ନିଜ ଭୁଲ ଦେଖିଲା ବେଳକୁ ଅନ୍ଧ ପାଲଟିଯାଆନ୍ତି। ଏଭଳି ଲୋକଙ୍କର ବଞ୍ଚିବା ବୃଥା। ତୁମେ, ପିଲାମାନେ, ଚିର ଆନନ୍ଦପୂର୍ଣ୍ଣ ରାଜ୍ୟର ଉତ୍ତରାଧିକାରୀ। ଶୁଣନ୍ତୁ ସର୍ବେ ଅମୃତସ୍ୟ ପୁତ୍ରାଃ ବେଦରେ କୁହାଯାଉଛି ଯେ ତୁମ୍ଭେମାନେ ହିଁ ପରମାନନ୍ଦଙ୍କ ମୂର୍ତ୍ତିମନ୍ତ ଆକାର। ତୁମେ କେବଳ ରକ୍ତ ମାଂସର ମଣିଷ ବା ମାଟିର ଘଟ ନୁହେଁ, ତୁମେ ଦୈବତ୍ୱର ଅଂଶ ବିଶେଷ। ପ୍ରକୃତି ରାଣୀର ବିଭିନ୍ନ ଉପାଦାନ ଗୁଡ଼ିକ ତୁମର ଖେଳନା ଓ ଏ ବିଶ୍ୱ ତୁମର ଖେଳ ପଡ଼ିଆ ସଦୃଶ। ଏ ସଂସାରର କ୍ରୀତଦାସ ନ ହୋଇ ଏହାର ପ୍ରଭୁ ହେବାକୁ ତୁମେ ଚେଷ୍ଟା କରିବା ଦରକାର। କିନ୍ତୁ ଯେତେ ଦିନ ଯାଏଁ ତୁମେ ବସ୍ତୁଗତ ଆନନ୍ଦ ଓ ସାଂସାରିକ ସୁଖ ଚାହୁଁଥିବ, ଛୋଟ ଛୋଟ କ୍ଷଣସ୍ଥାୟୀ କାମନା ପୂରଣ କରିବାକୁ ମନ କରିଥିବ, ସେ ପର୍ଯ୍ୟନ୍ତ ସଂସାରର କ୍ରୀତଦାସ ହେବାକୁ ବାଧ୍ୟ। ଯିଏ କାମନାର ଦାସ ହୋଇପଡ଼େ, ସେ ସଂସାରର ଦାସ ହୁଏ। ରାବଣ ଜଣେ ବଡ଼ ଯୋଦ୍ଧା, ତପସ୍ୱୀ ଓ ପଣ୍ଡିତ ଥିଲା, କିନ୍ତୁ ସେ ସୀତାଙ୍କୁ ନିଜର ଅଧିନ କରିବାକୁ ଚେଷ୍ଟା କଲା ଯାହା ପାଇଁ ତାକୁ ନିଜର କରୁଣ ପରିଣାମ ଭୋଗିବାକୁ ପଡ଼ିଥିଲା। ସୀତା ଭୂ-ମାତାଙ୍କ କନ୍ୟା। ସେ ହେଉଛନ୍ତି ପ୍ରକୃତି ମାତା। ସେ କାହା ଦ୍ୱାରା ଅଧିକୃତ ହୋଇ ନପାରନ୍ତି। ଭଗବାନ କେବଳ ତାଙ୍କୁ ନିଜର କରିପାରନ୍ତି। ପ୍ରତ୍ୟେକେ, ଯଦି ନିଜ ନିଜର କର୍ତ୍ତବ୍ୟ ସଠିକ ଭାବେ ପାଳନ କରନ୍ତି ତେବେ ପ୍ରକୃତିରେ ବିକୃତି ଦେଖାଦେବ ନାହିଁ। ବରଂ ପ୍ରକୃତିରେ ସାମ୍ୟ ଓ ଶୃଙ୍ଖଳା ଦେଖାଦେବ। ରାବଣ ଧର୍ମ ଆଚରଣର ନିୟମ ଲଙ୍ଘନ କରିବାରୁ ନିଜର ପତନକୁ ଡାକି ଆଣିଲା।

ପ୍ରକୃତି ଉପରେ ପ୍ରଭୁତ୍ୱ ହାସଲ କରିବାର ଏକ ମାତ୍ର ଉପାୟ ହେଉଛି ଭଗବାନଙ୍କ ପାଖରେ ସମ୍ପୂର୍ଣ୍ଣ ସମର୍ପଣ। ଆମେ ଯେଉଁ ଠାରୁ ଆସିଛୁ, ଆମର ସେଇ ପ୍ରକୃତ ଘରକୁ ଆମେ ଭୁଲି ଗଲୁଣି। ଗୋଟିଏ ଛୋଟ ଉଦାହରଣ ଦେଉଛି। ଜଣେ ରାଜା ଗୋଟିଏ ଶୁଆ ପୋଷିଥିଲେ। ସେ ତାକୁ ରସାଳ ଫଳ ମାନ ଖୁଆଉଥିଲେ, ସୁମିଷ୍ଟ ରସ ପିଆଉଥିଲେ ଏବଂ ଗୋଟିଏ ସୁନ୍ଦର ସୁନା ପଞ୍ଜୁରୀରେ ରଖି

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ PARYABEKHYAK

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ସେପ୍ଟେମ୍ବର ୨୦

ଓଡ଼ିଆ ଭାଷାପ୍ରୀତି ଜାଗ୍ରତ ହେଉ !

ମାତୃଭାଷା ସହିତ ପ୍ରତ୍ୟେକ ମଣିଷର ଆତ୍ମିକ ସମ୍ପର୍କ ରହିଛି । ଏଣୁ ମାତୃଭାଷାର ପ୍ରସାର ଓ ପ୍ରଚାର ସ୍ନେହ, ଶ୍ରଦ୍ଧା ଓ ସଂପ୍ରୀତିର ବାତାବରଣ ସୃଷ୍ଟି କରିଥାଏ । ଭାଷାଟିଏ ଥିଲା ବୋଲି ଆମେ ଜାଗାଟିଏ ପାଇଲେ । ଭାଷା ହେଲା ଓଡିଆ, ଜାଗା ହେଲା ଓଡ଼ିଶା । ଦୁଇ ଦୁଇ ଥର ସରକାରୀ ଉଦ୍ୟମ ପରେ ବି ଓଡିଆ ଭାଷା ରାଜଭାଷା ହୋଇପାରି ନ ଥିଲା । ଦୀର୍ଘ ୬୨ବର୍ଷ ପ୍ରତୀକ୍ଷାର ଅବସାନ ଘଟିଲା ୨୦୧୬ ମସିହା ମେ' ୨୧ ତାରିଖରେ । ଯେଉଁଦିନ ସରକାରୀ ସ୍ତରରେ ସବୁ କାମ ଓଡିଆରେ ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମନ୍ତ୍ରୀ ପରିଷଦ ବୈଠକରେ ନିଷ୍ପତି ହୋଇଥିଲା । ସେହିପରି ରାଜ୍ୟ ସରକାର ୧୯୫୪ ଭାଷା ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତି ନେବାସହିତ ୨୦୧୮ ମସିହା ଏପ୍ରିଲ ପହିଲା ଉତ୍କଳ ଦିବସରୁ ସାରା ରାଜ୍ୟରେ ଓଡିଆ ଭାଷାରେ ସବୁ ସରକାରୀ କାର୍ଯ୍ୟକ୍ରମ ହେବ ବୋଲି ଗତ ୨୦୧୭ ମସିହା ଡିସେମ୍ବର ୨୬ ତାରିଖରେ ପୁରୀଠାରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ । ୨୦୧୪ ମସିହା ମାର୍ଚ୍ଚ ୧୧ତାରିଖରେ ଆମ ଓଡିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଲା । ଶାସ୍ତ୍ରୀୟ ମାନ୍ୟତା ପାଇବାରେ ଓଡିଆ ହେଉଛି ଷଷ୍ଠ ଭାରତୀୟ ଭାଷା ଓ ପ୍ରଥମ ଆର୍ଯ୍ୟ ଭାଷା । ଶାସ୍ତ୍ରୀୟ ମାନ୍ୟତା ଖୁସିରେ ରାଜ୍ୟ ସରକାର ୨୦୧୪ ମସିହା ଠାରୁ ମାର୍ଚ୍ଚ ୧୧ ତାରିଖକୁ ଓଡିଆ ଭାଷାଦିବସ ରୂପେ ପାଳନ କରୁଛନ୍ତି ।

୧୯୩୬ ମସିହା ଏପ୍ରିଲ ପହିଲା ଦିନ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେବା ଏକ ଐତିହାସିକ ଘଟଣା । ବହୁ ଘାତପ୍ରତିଘାତ ମଧ୍ୟରେ ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଓ ଅନ୍ୟାନ୍ୟ ବରପୁତ୍ରମାନଙ୍କ ଉଦ୍ୟମ ଫଳରେ ଓଡିଆ ଭାଷାଭାଷୀ ଅଞ୍ଚଳକୁ ନେଇ ଏକ ସ୍ୱପ୍ନ ସାକାର ହେଲା । ମାତ୍ର ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ୮୫ ବର୍ଷ ପରେ ବି ଦିନକୁ ଦିନ ଆମ ଭାଷାର ଅବକ୍ଷୟ ଘଟୁଛି । ଆମ ଭାଷା ପ୍ରତି ଆମର ମମତା ନାହିଁ, ନାହିଁ ମଧ୍ୟ ଆନ୍ତରିକତା । ଭାଷାର ପ୍ରସାର ପ୍ରଚାର ତ' ଦୂରର କଥା, ଓଡିଆ ଭାଷାରେ ପ୍ରକାଶିତ ଦୁର୍ଲଭ ଗ୍ରନ୍ଥ ସବୁ ପଢିବାରେ ଆମର ଆଗ୍ରହ ନାହିଁ । ପତ୍ରପତ୍ରିକା, ନାଟକ, ଉପନ୍ୟାସ, ଗଳ୍ପ ଓ କବିତା କଥା ପଚାରେ କିଏ ? ହିନ୍ଦୀ, ବଙ୍ଗଳା, ଇଂରାଜୀ ପତ୍ରପତ୍ରିକା ପ୍ରେମରେ ଆମେ ପଡିଯାଇଛୁ । ଅଥଚ ଓଡିଆ ସାହିତ୍ୟ ଭାରତବର୍ଷର ଅନ୍ୟତମ ପ୍ରାଚୀନ ସାହିତ୍ୟ । ଏ ମାଟିର କବି ସାରଳା ଦାସ ମହାଭାରତ ଲେଖି ବେଦବ୍ୟାସ ପାଲଟି ଯାଇଛନ୍ତି । କବିସମ୍ରାଟ ଉପେନ୍ଦ୍ରଭଞ୍ଜ, ଦୀନକୃଷ୍ଣ, ଅଭିମନ୍ୟୁ, ବଳରାମ ଦାସଙ୍କ ସୃଷ୍ଟିସମ୍ଭାର ଭାରତୀୟ ଭାଷା ସାହିତ୍ୟରେ ଦୁର୍ଲ୍ଲଭ । ଏମାନେ ହିଁ ଓଡିଆ ସାହିତ୍ୟର ରକ୍ଷାକାରୀ । କଥାସମ୍ରାଟ ଫକୀରମୋହନ, କବିବର ରାଧାନାଥ, ଭକ୍ତକବି ମଧୁସୂଦନ, ପଦ୍ମଭୂଷଣ ଗୋପୀନାଥ ମହାନ୍ତି, ସ୍ୱଭାବକବି ଗଂଗାଧର ମେହେରଙ୍କ ସୃଷ୍ଟିସମ୍ଭାର ଯେ ଓଡିଆ ସାହିତ୍ୟକୁ ରୁଦ୍ଧିମନ୍ତ କରିଛି, ଏହା ଅନସ୍ୱୀକାର୍ଯ୍ୟ । ସମୀକ୍ଷକମାନଙ୍କ ମତରେ ଏବେ ବିଶ୍ୱରେ ପ୍ରାୟ ୬ରୁ ୭ ହଜାର ଭାଷା ରହିଛି । କିନ୍ତୁ ଆଗାମୀ ଏକବିଂଶ ଶତାବ୍ଦୀ ଶେଷ ସୁଦ୍ଧା ହୁଏତ ଏଥିରୁ ୯୦ ଭାଗ ଭାଷାର ଅସ୍ତିତ୍ୱ ଲୋପ ପାଇଯିବ । କାରଣ ଅଧୁନା ବିଶ୍ୱର ଶତକଡା ୯୫ ଭାଗ ଲୋକ ମାତ୍ର ୧୦୦ଟି ଭାଷାରେ କଥାବାର୍ତ୍ତା ହେଉଛନ୍ତି । ଆହୁରି ଆଶ୍ଚର୍ଯ୍ୟର କଥା ଯେ ବିଶ୍ୱରେ ପ୍ରାୟ ଅର୍ଦ୍ଧେକ ଲୋକ ମାତ୍ର ୮ଟି ଭାଷାରେ କଥାବାର୍ତ୍ତା ହେଉଛନ୍ତି । ଯଥା-ଚୀନ, ହିନ୍ଦୀ, ଇଂରାଜୀ, ସ୍ପେନିଶ୍, ରୁଷ୍, ବଙ୍ଗଳା, ଆରବୀ ଓ ପର୍ତ୍ତୁଗୀଜ । କିନ୍ତୁ ଆଜି କେବଳ ଆମର ମାତୃଭାଷା ଓଡିଆ ନୁହେଁ, ଭାରତର ପ୍ରତ୍ୟେକ ଭାଷା ତଥା ପୃଥିବୀର ଅନେକ ଭାଷା ସଙ୍କଟର ସମ୍ମୁଖୀନ ହୋଇଛନ୍ତି । ଆଜି ପ୍ରତ୍ୟେକ ଦେଶ ଏ ସଙ୍କଟରୁ ମୁକ୍ତି ପାଇବା ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି ।

ଏକ ତଥ୍ୟ ମୁତାବକ, ସମଗ୍ର ଓଡିଶାରେ ୫୮ ପ୍ରକାର କଥିତ ଭାଷା ପ୍ରଚଳିତ ଅଛି । ତେବେ ଓଡିଶାରେ ଓଡିଆ ଭାଷା ବ୍ୟବହାର କରୁଥିବା ଲୋକଙ୍କ ସଂଖ୍ୟା ସର୍ବାଧିକ । ରାଜ୍ୟର ପ୍ରାନ୍ତୀୟ କ୍ଷେତ୍ର ପଶ୍ଚିମ ଓଡିଶାରେ ସମ୍ବଲପୁରୀ (କୋଶଳି) ଓ ମିଶ୍ର ହିନ୍ଦୀ ଭାଷା, ଦକ୍ଷିଣ ଓଡିଶାରେ ବ୍ରହ୍ମପୁରୀ ଓ ମିଶ୍ର ତେଲଗୁ ଭାଷା, ଉତ୍ତର ଓଡିଶାରେ ମିଶ୍ର ବଙ୍ଗଳା ଭାଷାର ପ୍ରଚଳନ ଦେଖାଯାଏ । ରାଜ୍ୟରେ ଥିବା ଆଦିବାସୀମାନଙ୍କର ନିଜସ୍ୱ ଭାଷା ଯଥା-ସାନ୍ତାଳି, ମୁଣ୍ଡା, କନ୍ଧ, କୋୟା, ବଣ୍ଡା ଇତ୍ୟାଦି ରହିଛି । ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ଭାଷା ମଧ୍ୟରେ ଅସମୀୟା, ହିନ୍ଦୀ, ବଙ୍ଗଳା, ଉର୍ଦ୍ଦୁ, ତେଲୁଗୁ ଆଦି ଭାଷା ମଧ୍ୟ ବ୍ୟବହୃତ ହୁଏ । ଖାଲି ସେତିକି ନୁହେଁ ଓଡିଆରେ ଦରଖାସ୍ତ ଲେଖିବାକୁ ଆମେ ଆଗ୍ରହ ପ୍ରକାଶ ନକରି ଇଂରାଜୀରେ ଲେଖିବାକୁ ମନକରିଥାଉ । ଏପରିକି ଆମ ରାଜ୍ୟକୁ ଆସୁଥିବା ଅଣଓଡିଆମାନଙ୍କ ସହିତ ଆମେ ଓଡିଆରେ ନକହି ସେମାନଙ୍କ ଭାଷାରେ କହିବାକୁ ଚେଷ୍ଟା କରୁ । ଏହିଭଳି ହୀନମନ୍ୟତା ହିଁ ଆମ ପ୍ରାଣରୁ ଭାଷାପ୍ରୀତି ହ୍ରାସ କରାଉଛି । ଯଦି ଆମର ଭାଷାପ୍ରୀତି ଥାଆନ୍ତା, ତାହାହେଲେ ଆମକୁ ଆମ ଭାଷାର ସୁରକ୍ଷା ପାଇଁ ଆନ୍ଦୋଳନ କରିବାକୁ ପଡୁ ନ ଥା'ନ୍ତା ।

ନିକଟରେ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶନାମାରେ କୁହାଯାଇଛି ରାଜ୍ୟର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ନାମଫଳକକୁ ଓଡିଆ ଭାଷାରେ ଲେଖାଯିବ । ଏଥିନେଇ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ଜେନା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗ ସହିତ ସମସ୍ତ ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ଜଣାଇଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ, ଦେଶର ଅନ୍ୟାନ୍ୟ ରାଜ୍ୟରେ ଇଂରାଜୀ ସହିତ ପ୍ରାଦେଶିକ ଭାଷାକୁ ଗୁରୁତ୍ୱ ଦେଇ ସମସ୍ତ ଶିକ୍ଷାନୁଷ୍ଠାନର ନାମଫଳକ ଇଂରାଜୀ ସହିତ ସ୍ଥାନୀୟ ଭାଷାରେ ମଧ୍ୟ ଲେଖାଯାଇଛି । ଆମ ରାଜ୍ୟରେ ଏଭଳି ନିଷ୍ପତ୍ତି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଆମ ଭାଷା ପ୍ରତି ଆମର ଶ୍ରଦ୍ଧା ଏବଂ ଭଲପାଇବା ଉପରଠାଉରିଆ । ସଭାସମିତିରେ ବକ୍ତାମାନେ ଭାଷଣ ଦେବାବେଳେ ଆମେ ଖୁବ୍ ଉତ୍ସାହିତ ହୋଇ ତାଳିମାରୁ । କିନ୍ତୁ ତା'ପରେ ପୁଣି ଆମ ମନ ଭିତରେ ଇଂରାଜୀ ଭାଷା ତା' ସ୍ଥିତି ଜମେଇନିଏ । ସେହିପରି କୁନିକୁନି ପିଲାମାନେ ଖନେଇ ଖନେଇ ଇଂରାଜୀ କହିଲେ ବାପା ମାଆ ଓ ଜେଜେ ଜେଜେମାଆଙ୍କ ଛାତି ଫୁଲିଉଠେ ।

ଖାଲି ଶିକ୍ଷାନୁଷ୍ଠାନରେ ନାମଫଳକ ବଦଳିଗଲେ ଆମ ଭାଷାପ୍ରୀତି ବଢିଯିବ ନାହିଁ । ଓଡିଆ ଭାଷା ଦାପ୍ତରିକ ଭାଷା ହେଉ, ସରକାରୀ ନଥିପତ୍ର ଓଡିଆ ଭାଷାରେ ଲେଖାହେଉ ଓ ଏହାକୁ ଉଲ୍ଲଙ୍ଘନ କରୁଥିବା ବ୍ୟକ୍ତିବିଶେଷଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବାର ଆବଶ୍ୟକତା ଅଛି । ଏବେବି ସରକାରୀ ଦପ୍ତରମାନଙ୍କରେ ଅନେକ ଜାଗାରେ ଇଂରାଜୀ ଫଳକ ଏଯାଏଁ ରହିଛି । ଏସବୁ ଦେଖିଲେ ଅନୁମାନ କରିହୁଏ ଆମେ କ'ଣ ସତରେ ଆମ ଓଡିଆ ଭାଷାକୁ ଏଯାଏଁ ପ୍ରାଣଭରି ଭଲପାଉଛେ ? ଏଥିପାଇଁ ଆମ ମାନସିକତାରେ ପରିବର୍ତ୍ତନ ଲୋଡା । ଏ ବିଷୟରେ ଗଭୀର ଭାବେ ଅନୁଶୀଳନ କରିବାର ଅଛି ।

ହିମାଂଶୁଶେଖର ଆଚାର୍ଯ୍ୟ, ଜଗତସିଂହପୁର, ମୋ-୯୯୩୭୧୫୧୦୫୨

ଆଜିର ଅନୁଚିନ୍ତା

କର୍ତ୍ତବ୍ୟ ବିମୁଖତା ହିଁ କୃତଘ୍ନତା ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।

E-mail: editorpbkc@gmail.com
9853400829 (M), Fax: 0674-2550504

ନବୀନବାବୁଙ୍କ ବିକଳ୍ପ ନାହିଁ !

ସୁବାସ ଷଡଙ୍ଗୀ



ନିର୍ବାଚନ ଯଦିଓ ଅନେକ ଦିନ ବାକି ରହିଛି, ତଥାପି ସବୁ ରାଜନୈତିକ ଦଳ ଭିତରେ ରାଜନୈତିକ ଛକାପଞ୍ଜା ଆରମ୍ଭ ହୋଇଗଲାଣି । ବିଜେପିର ପ୍ରଭାରି ଆସି ଦଳକୁ କିପରି ବୁଥସ୍ତରରୁ ମଜବୁତ କରିହେବ, ସେ ବିଷୟରେ ବିଜେପି କର୍ମକର୍ତାମାନଙ୍କ ସହ ଆଲୋଚନା କରିଛନ୍ତି । କଂଗ୍ରେସର ରାହୁଲ ଗାନ୍ଧୀ 'ଭାରତ ଯୋଡ ଯାତ୍ରା' ଆରମ୍ଭ କରି ମୋଦି ସରକାରଙ୍କ ବିଫଳତାକୁ ଜନସାଧାରଣଙ୍କ ଭିତରେ ଜାଗ୍ରତ କରିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି । ଏପରି ଅବସ୍ଥାରେ ବିଜେଡି ଦଳ କ'ଣ ପଛରେ ପଡିଯିବ ? ନବୀନ ପଟ୍ଟନାୟକ ସବୁବେଳେ ନିଜ ଭାବମୂର୍ତ୍ତି ସଜାଡିବାକୁ ଚାହାନ୍ତି । କାରଣ ଭୋଟ ବଜାରରେ ଏକମାତ୍ର ପୁଞ୍ଜି ହେଉଛି ତାଙ୍କ ଭୋଟବ୍ୟାଙ୍କ । ତେଣୁ ଗତଥରକ ଭଳି ଏଥରକ ମଧ୍ୟ ନିଜ ଲୋକପ୍ରିୟତାର ପ୍ରମାଣସ୍ୱରୂପ ଏକ ପୁରସ୍କାର ପାଇଛନ୍ତି । ଯାହାକୁ ନେଇ ବିଜୁ ଜନତା ଦଳ ଆଖିଝଲସା ପ୍ରଚାର କରୁଛି ।

ନବୀନବାବୁ ରାଜନୀତିକୁ ଆସିଲାଦିନଠାରୁ କ୍ଷମତାରେ ରହିଛନ୍ତି । ପ୍ରଥମେ କେନ୍ଦ୍ରରେ ମନ୍ତ୍ରୀ ଓ ତା'ପରେ ଦୁଇ ହଜାର ମସିହାଠାରୁ ଓଡିଶାର ମୁଖ୍ୟମନ୍ତ୍ରୀ । ଓଡିଶା ରାଜନୀତିରେ ନିଜକୁ ପ୍ରତିଷ୍ଠା କରିବା ପାଇଁ ତାଙ୍କୁ କିଛି କମ୍ କଷ୍ଟ କରିବାକୁ ପଡିନାହିଁ । ନିଜ ଦଳ ବିଜୁ ଜନତା ଦଳ ଭିତରେ ତାଙ୍କ ବିରୋଧରେ ଚକ୍ରବ୍ୟୂହ ରଚନା କରାଯାଇଥିଲା । ପ୍ରତିଥର ସେ ସେଥିରୁ ମୁକୁଳିଥିଲେ । ଆଉ ଏଇ ମୁକୁଳିବା ପଛରେ ତାଙ୍କ ଲୋକପ୍ରିୟତା ସବୁଠାରୁ ଅଧିକ କାମ ଦେଇଥିଲା ।

ନବୀନବାବୁ ଯେତେବେଳ ଓଡିଶାର ଦାୟିତ୍ୱ ନେଲେ, ସେତେବେଳ ଓଡିଶାର ଆର୍ଥିକ ସ୍ଥିତି ବହୁତ ଖରାପ ଥିଲା । ୧୯୯୯ ମସିହାର ମହାବାତ୍ୟା ଓଡିଶାର ଉପକୂଳ ଜିଲ୍ଲାଗୁଡିକୁ ଛାରଖାର କରିଦେଇଥିଲା । ଲୋକମାନଙ୍କର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଥିଲା । କ୍ଷମତାରେ ଥିବା କଂଗ୍ରେସ ସରକାର ଦୁର୍ନୀତିରେ ଉବୁଟୁବୁ ହେଉଥିଲା । ପ୍ରଶାସନିକ ଅପାରଗତା ଯୋଗୁ ଦୁର୍ନୀତି ବଢିଯାଇଥିଲା । ମାତ୍ର ନବୀନବାବୁ ଓଡିଶାର ମୁଖ୍ୟମନ୍ତ୍ରୀ ହେବାପରେ ଧୀରେ ଧୀରେ ସ୍ଥିତି ବଦଳିବାକୁ ଲାଗିଲା । ରାଜନୀତିରେ ନବାଗତ ହୋଇଥିଲେ ମଧ୍ୟ ଓଡିଶାର ଲୋକମାନଙ୍କ ସମସ୍ୟାକୁ ସେ ଭଲଭାବରେ ହୃଦୟଙ୍ଗମ କରିପାରି ତା'ର ନିରାକରଣ ପାଇଁ ଉଦ୍ୟମ କରିଥିଲେ ।

ଏହାପରେ ଆଉ ନବୀନବାବୁ ପଛକୁ ଫେରି ଚାହିଁନାହାନ୍ତି । କଅଁଳ ବୟସରେ ଯେପରି ପିଲା ଚାଲି ଶିଖିବା ପାଇଁ ଗାଡି ଧରି ଚାଲବୁଲ କରେ, ଆଉ ଚାଲି ଶିଖିବା ପରେ ଗାଡି ଛାଡି ନିଜେ ଦୌଡିବାକୁ ଆରମ୍ଭ କରେ, ଠିକ୍ ସେହିପରି ନବୀନବାବୁ ପ୍ରଥମେ ବିଜେପିର ହାତ ଧରି ଓଡିଶାରେ କ୍ଷମତାକୁ ଆସିଲେ, ତା'ପରେ ନିଜେ କ୍ଷମତା ହାସଲ କଲେ । ଏହାହିଁ ତାଙ୍କ ବର୍ଦ୍ଧିତ ଲୋକପ୍ରିୟତାର ସବୁଠାରୁ ବଡ ପ୍ରମାଣ ।

ସମୟକ୍ରମେ ରାଜନୀତିରେ କିପରି ନୂଆ କୌଶଳ ପ୍ରୟୋଗ କରିବାକୁ ହୁଏ, ତାହା ବିରୋଧୀ ଦଳମାନେ ନବୀନବାବୁଙ୍କଠାରୁ ଶିଖିବା ଦରକାର । କାରଣ ରାଜନୀତିରେ ନୂଆ ନୂଆ କୌଶଳ ପ୍ରୟୋଗ ନକଲେ ନିଜ ପତିଆରା ବରକରାର ରଖିବା ସମ୍ଭବପର ନୁହେଁ । ଧୀରେ ଧୀରେ ସଂସ୍କାର ଦଳ ଭିତରେ ଆଣି ସେ ଲୋକମାନଙ୍କ ମନରେ ଏକ ଧାରଣା ସୃଷ୍ଟି କରିବାକୁ ସମର୍ଥ ହୋଇପାରିଛନ୍ତି ଯେ ତାଙ୍କର ବିକଳ୍ପ ନାହିଁ ।

ପ୍ରତି ନିର୍ବାଚନରେ ଦେଖାଯାଉଛି ତାଙ୍କ ଲୋକପ୍ରିୟତା ବଢିବଢି ଚାଲିଛି । ଏହାହିଁ ବୋଧହୁଏ ତାଙ୍କ ଲୋକପ୍ରିୟତାର ସବୁଠାରୁ ବଡ ପ୍ରମାଣ । ତାଙ୍କୁ ସମାଲୋଚନା କରୁଥିବା ଦଳ ଓ ନେତାମାନେ ଦିନକୁ ଦିନ ସଂକୁଚିତ ହେବାରେ ଲାଗିଛନ୍ତି ।

ଜୀବନବ୍ୟାପୀ ସାଧନା ପାଇଁ ସେ ସମ୍ମାନିତ ହେଲେ । କଥାଟି ବିରୋଧୀ ଦଳର ସହଜରେ ହଜମ ହେଉନାହିଁ । ଜନପ୍ରିୟତାର ସବୁଠାରୁ ବଡ ପ୍ରମାଣ

ହେଲା, ରୋଟି କପଡା ଏବଂ ମକାନ ।

ଏଇ ତିନି ଯୋଜନା ତାଙ୍କୁ ସବୁ ସମ୍ମାନର ଅଧିକାରୀ କରିଛି । ତାଙ୍କ ଟଙ୍କିକିଆ ଚାଉଳ ଆଜି ଲୋକପ୍ରିୟତାର ଶୀର୍ଷରେ । ସମସ୍ତେ ପ୍ରଶଂସା କରୁଛନ୍ତି । ଯେଉଁ ରାଜ୍ୟ ଦିନେ ଅନାହାର, ଅର୍ଦ୍ଧାହାର ପାଇଁ ଭାରତବର୍ଷରେ ନାମ କମେଇଥିଲା, ସେଇ ରାଜ୍ୟ ଏବେ ଶସ୍ୟ ଉତ୍ପାଦନରେ ପୁରସ୍କୃତ ହେଉଛି, ଏହା କ'ଣ କିଛି କମ୍ କଥା ! ସେହିପରି ଶିକ୍ଷା ଓ ସ୍ୱାସ୍ଥ୍ୟ ହେଉଛି ଦୁଇଟି ମୌଳିକ ସମସ୍ୟା । ଏ ଦୁଇଟି କ୍ଷେତ୍ରରେ ମଧ୍ୟ ନବୀନଙ୍କ ନେତୃତ୍ୱ ବେଶ ପାରଦର୍ଶିତା ଲାଭ କରିପାରିଛି । ଏକଥାକୁ ନିନ୍ଦୁକମାନେ ମଧ୍ୟ ସ୍ୱୀକାର କରିବେ । ଗତ କୋଡିଏ ବର୍ଷ ଭିତରେ ଆମର ସ୍ୱାସ୍ଥ୍ୟ ବ୍ୟବସ୍ଥା କ'ଣ ଥିଲା ଆଉ ଆଜି କ'ଣ ହେଉଛି, ସେ ବିଷୟରେ ନ କହିବା ଭଲ । କାରଣ ଆମେ ନିଜେ ଅଙ୍ଗେ ଲିଭଉଛେ । ସରକାରୀ ହସପିଟାଲଗୁଡିକ ଉପରେ ସାଧାରଣ ଲୋକଙ୍କ ଆସ୍ଥା ବଢୁଛି । କ୍ୟାନସର ହସ୍‌ପିଟାଲରେ ଏବେ ଗରିବ ଲୋକଟିଏ ପେଟିସ୍କାନ ବିନା ପଇସାରେ କରିପାରୁଛି । ବଜାରରେ ଯାହା ପାଇଁ ତାକୁ କୋଡିଏରୁ ପଚିଶ ହଜାର ଟଙ୍କା ଦେବାକୁ ପଡୁଥିଲା । ସେହିପରି ଏକମୋ ମେସିନ । କେବଳ ଯାହା ଡାକ୍ତରଙ୍କ ସମସ୍ୟା । ସେଇ ସମସ୍ୟା ମଧ୍ୟ ଦଶବର୍ଷ ଭିତରେ ସମାଧାନ ହୋଇପାରିବ । କଟକ ବଡମେଡିକାଲକୁ ବିଶ୍ୱସ୍ତରୀୟ ଡାକ୍ତରଖାନାରେ ପରିଣତ କରିବାର ପରିକଳ୍ପନା କିଛି କମ୍ କଥା ନୁହେଁ । ଗର୍ଭବତୀଙ୍କ ଯତ୍ନଠାରୁ ଆରମ୍ଭ କରି ନିଜ ଗାଁରେ ଡାକ୍ତରୀ ପରାମର୍ଶ ଏବଂ ଔଷଧ ଇତ୍ୟାଦି ମାଗଣାରେ ପାଇବା କିଛି କମ୍ ସଫଳତା ନୁହେଁ ।

ସେଇପରି ପ୍ରାଥମିକ ଶିକ୍ଷା । ୫ଟି ଯୋଜନାରେ ସ୍କୁଲଘରଗୁଡିକ ଏବେ ନୂଆ ରୂପରେ । ଘରୋଇ ସ୍କୁଲଗୁଡିକ ଏବେ ସରକାରୀ ସ୍କୁଲ୍ ସହିତ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଆଦର୍ଶ ବିଦ୍ୟାଳୟ ଯୋଜନାକୁ ଯେ କେହି ନିଶ୍ଚିତ ଏକ ବଡ ସଫଳତା କହିବ ।

ଏଣୁ ନିର୍ବାଚନ ପୂର୍ବରୁ ନବୀନବାବୁଙ୍କ ସଫଳତାକୁ ନେଇ ଯଦି ତାଙ୍କ ଦଳ କିଛି କରେ ଏଥିରେ ନୂଆ କଥା କ'ଣ ଅଛି ? ଆଗରୁ ତ' ପ୍ରାକୃତିକ ଦୁର୍ବିପାକ ପରିଚାଳନାରେ ନବୀନବାବୁଙ୍କୁ ବହୁ ପ୍ରଶଂସା ମିଳିସାରିଛି । ସେଇ କ୍ରମରେ ଇଏ ଏକ ନୂଆ ସଂଯୋଗ । ବରଂ ଏହାକୁ ଗ୍ରହଣ କରିନେବା ଦରକାର । ଭଲ କାମ ସବୁବେଳେ ଭଲ ହେବା ଦରକାର ।

କିନ୍ତୁ କଥା ହେଉଛି, ନବୀନବାବୁଙ୍କୁ ଏ ଯେଉଁ ସମ୍ମାନ ମିଳିଲା, ତାହା ନିର୍ବାଚନ ପାଇଁ ଏକ ଅସ୍ତ୍ର ହେଲା, ଏହାହିଁ ହେଉଛି ବିରୋଧୀ ଦଳ ନେତାଙ୍କ ଦୁଃଖ । ଏଣୁ ସେମାନଙ୍କର ଏହା ସହଜରେ ହଜମ ହେଉନାହିଁ । ତେଣୁ ଭଲ ବିରୋଧୀ ଦଳ ନେତାଙ୍କ ପାଇଁ ଏକ ପୁରସ୍କାର ଘୋଷଣା କରାଯାଉ । ପାଂଚବର୍ଷରେ ଥରେ ଭୋଟ ବେଳକୁ ଏହା ଦିଆଯାଉ । ନହେଲେ ନିର୍ବାଚନରେ ଲୋକଙ୍କୁ ମୁହଁ ଦେଖାଇବେ କିପରି ?

-ଓଡ଼ିଶା ନ୍ୟିଜ୍ ସର୍ଭିସ୍, ଭୁବନେଶ୍ୱର, ମୋ-୯୪୩୯୬୫୨୩୨୨

ଭାବଗ୍ରାହୀ

ଡ. ପ୍ରତିଭା ମହାରଥୀ

ଈଶ୍ୱର ତ' ଅନାଦି, ଅନନ୍ତ, ଅବିନାଶୀ । ସେ ପରମେଶ୍ୱର, ପରମବ୍ରହ୍ମ, ଏହି ବିଶ୍ୱର ସ୍ରଷ୍ଟା, ସେ ସତ୍ୟ, ଶିବ, ସୁନ୍ଦର, ସେହିଁ ନିତ୍ୟ, ନୂତନ, ସନାତନ । ଆମ୍ଭେ ଜୀବମାନେ କେବଳ ଭାବରେ, ଭକ୍ତିରେ ସେହି ପରମ ସତ୍ତାକୁ ଅନୁଭବ କରିପାରୁ । ଭାଗବତର ବାଣୀ ହେଲା, "ଯାହାର ଯେଉଁ ଭାବ ଦେଖି, ନାବ ମୁଁ ଦିଅଇ ସଳଖି ।" ଯୁଗେ ଯୁଗେ ଭଗବାନ ଭକ୍ତର ଅନାବିଳ ଭକ୍ତି ପାଖରେ ବନ୍ଧା ପଡ଼ିଛନ୍ତି । କେତେବେଳେ କୈବର୍ତ୍ତରାଜ ସେହି ପାଦ କମଳ ଧୌତ କରିବାର ସୁଯୋଗ ଲାଭ କରିପାରିଛି ଦ

ପାଣି ପଂଚାୟତ ସମାଚାର ପତ୍ରିକା ଉନ୍ମୋଚିତ

ଭୁବନେଶ୍ୱର ,(ପି.ଏନ): ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ ଶନିବାର ପୂର୍ବାହ୍ଣରେ ଜଳ ଓ ଭୂମି ପରିଚାଳନା ପ୍ରତିଷ୍ଠାନ (ୱାଲମୀ) , ପ୍ରତାପନଗରୀ,କଟକ ଆନୁକୂଲ୍ୟରେ ପ୍ରକାଶିତ ପାଣି ପଂଚାୟତ ସମାଚାର ପତ୍ରିକାର ଶୁଭ ଉନ୍ମୋଚନ କରିଛନ୍ତି। ରାଜ୍ୟ ଜଳସଂପଦ ବିଭାଗ ସମ୍ମିଳନୀ କକ୍ଷରେ ଆଜି ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀମତୀ ସାହୁ କହିଲେ ଯେ, ଜଳ ସଂପଦ ବିଭାଗ ଜରିଆରେ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ କୃଷକମାନଙ୍କ ପାଇଁ ସୂଚନା ପ୍ରଦାନ ଓ ୱାଲମୀ ଜରିଆରେ ସେମାନଙ୍କ ପାଇଁ ପ୍ରଶିକ୍ଷଣ ବ୍ୟବସ୍ଥା ସଂପର୍କରେ ଆଲେଖ୍ୟ ପାଣି ପଂଚାୟତ ସମାଚାର ପ୍ରଦାନ କରିଆସୁଛି। ଏହି ପତ୍ରିକା ଚାଷୀଭାଇମାନଙ୍କ ପାଖରେ ସୂଚନା ପହଁଚିବାର ପ୍ରମୁଖ ମାଧ୍ୟମ ହୋଇଛି। ଚଳିତ ପାଣି ପଂଚାୟତ ସମାଚାର ପତ୍ରରେ ବିଭିନ୍ନ ପାଣି ପଂଚାୟତର ସଫଳ କାହାଣୀ, କୃଷି ଓ ଜଳସେଚନ ସମ୍ବନ୍ଧୀୟ ସରକାରୀ ଯୋଜନା, ଜଳ ସମ୍ପଦ ବିଭାଗରେ ୫-ଟି ଓ ମୋ ସରକାର କାର୍ଯ୍ୟାନ୍ୱୟନ ଆଦି ସଂପର୍କରେ ପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ଜଳସଂପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଯୋଗଦେଇ କୃଷକମାନଙ୍କୁ ପ୍ରଶିକ୍ଷଣ ଜରିଆରେ ସେମାନଙ୍କର ଦକ୍ଷତା ବୃଦ୍ଧିରେ ପ୍ରମୁଖ ଯୋଗଦାନ ଦେଉଥିବା ୱାଲମୀ ଅନୁଷ୍ଠାନକୁ ଏକ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବା ପାଇଁ ପ୍ରୟାସ ଜାରି ରହିଥିବା ପ୍ରକାଶ କରିଥିଲେ । ଜଳ ସଂପଦ ବିଭାଗ ଏବଂ ୱାଲମୀ ସହଯୋଗରେ ୨୦୦୦ ମସିହାରୁ ୨୦ ବର୍ଷ ଧରି ପ୍ରକାଶିତ ଏହି ସମାଚାର ପତ୍ର ରାଜ୍ୟରେ ପାଣି ପଞ୍ଚାୟତ ଯୋଜନାକୁ ଲୋକାଭିମୁଖୀ ତଥା ଦୀର୍ଘସ୍ଥାୟୀ କରିବା ଲକ୍ଷ୍ୟରେ ପ୍ରକାଶିତ ହେଉଥିବା ୱାଲମୀର ନିର୍ଦ୍ଦେଶକ ଇଂ. କୃଷ୍ଣଚନ୍ଦ୍ର ମହାନ୍ତି ପ୍ରକାଶ କରିଥିଲେ। ୱାଲମୀ ଜରିଆରେ ଅଦ୍ୟାବଧି ୧ଲକ୍ଷ ୬୦ ହଜାର କୃଷକ ତଥା ପାଣି ପଞ୍ଚାୟତ କର୍ମୀମାନେପ୍ରଶିକ୍ଷଣ ନେଇସାରିଥିବା ଏବଂ ପ୍ରତିବର୍ଷ ପ୍ରାୟ ୨୦ରୁ ୨୫ ହଜାର ପ୍ରଶିକ୍ଷାର୍ଥୀ ପ୍ରଶିକ୍ଷଣ ନେଉଥିବା ସଂପର୍କରେ ଇଂ ମହାନ୍ତି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀମତୀ ଅର୍ଚ୍ଚନା ପଟ୍ଟନାୟକ, ସର୍ବୋଚ୍ଚ ଯନ୍ତ୍ରୀ ଇଂ. ଭକ୍ତ ରଞ୍ଜନ ମହାନ୍ତିଙ୍କ ସମେତ ବିଭୀଗର ସମସ୍ତ ବରିଷ୍ଠ ଅଧିକାରୀ, ଯନ୍ତ୍ରୀ ଏବଂ ୱାଲମୀର କର୍ମକର୍ତାମାନେ ଉପସ୍ଥିତ ଥିଲେ ।

ଭୁବନେଶ୍ୱରରେ ଦିଗବିଜୟ ସିଂ ଓ ଜୟରାମ ରମେଶ

ଭୁବନେଶ୍ୱର ,(ପି.ଏନ): ସାଂସଦ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗବିଜୟ ସିଂ ଓ ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୟରାମ ରମେଶ ଶନିବାର ସନ୍ଧ୍ୟାରେ ଭୁବନେଶ୍ୱର ପହଂଚିଛନ୍ତି। ଆସନ୍ତାକାଲି (ରବିବାର) ପୂର୍ବାହ୍ଣରେ କଂଗ୍ରେସ ଭବନରେ ପିସିସି ସଭାପତି ଶରତ ପଟ୍ଟନାୟକ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ କଂଗ୍ରେସ ନେତୃମଣ୍ଡଳୀ ମାନଙ୍କ ବୈଠକରେ 'ଭାରତ ଯୋଡ ଯାତ୍ରା- ଓଡିଶା' ସମ୍ପର୍କରେ ବିଚାର ବିମର୍ଶ କରିବେ। ଏହାପରେ ଦିନ ୧୨ଟା ସମୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଉଦବୋଧନ ଦେବେ। ଏଥି ସାଙ୍ଗକୁ ଗଣମାଧ୍ୟମ ବିଭାଗର ଏକ ସ୍ୱତନ୍ତ୍ର ବୈଠକରେ ଉଦବୋଧନ ଦେବାର କାର୍ଯ୍ୟକ୍ରମର ରହିଛି ବୋଲି ପିସିସି ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଗଣେଶ୍ୱର ବେହେରା ସୂଚନା ପ୍ରଦାନ କରିଛନ୍ତି।

ଓଡ଼ିଶାର ୪ ଜିଲ୍ଲାର ଟିବି ରୋଗରେ ପୀଡ଼ିତ ଭାଇ ଭଉଣୀଙ୍କ ଦାୟିତ୍ୱ ନେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, (ପି.ଏନ): ଭାରତକୁ ୨୦୨୫ ସୁଦ୍ଧା ସଂପୂର୍ଣ୍ଣ ଭାବରେ ଟିବି ମୁକ୍ତ କରିବା ପାଇଁ "ଟିବି ମୁକ୍ତ ଭାରତ ଅଭିଯାନ"ରେ ସାମିଲ ହେବା ପାଇଁ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଆହ୍ୱାନ କରିଛନ୍ତି। ଏହି ପୃଷ୍ଠଭୂମିରେ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାର ୪ ଜିଲ୍ଲା ସମ୍ବଲପୁର, ଦେବଗଡ଼, ଅନୁଗୋଳ ଓ ଢ଼େଙ୍କାନାଳର ପ୍ରଥମ ପର୍ଯ୍ୟାୟରେ ସରକାରୀ ସ୍ତରରେ ପଞ୍ଜିକୃତ ହୋଇଥିବା ୭୨ ଜଣ ଟିବି ରୋଗରେ ପୀଡ଼ିତ ଭାଇ ଭଉଣୀଙ୍କୁ ପୁଷ୍ଟି କିଟ୍ ପ୍ରଦାନ କରିଛନ୍ତି ବୋଲି ଟ୍ୱିଟ୍ କରି କହିଛନ୍ତି । ଏହି ଜିଲ୍ଲାର ଟିବି ରୋଗରେ ପୀଡ଼ିତଙ୍କୁ ଶ୍ରୀ ପ୍ରଧାନ ବ୍ୟକ୍ତିଗତ ଭାବେରେ ମାସିକ ପୁଷ୍ଟି କିଟ୍ ପ୍ରଦାନ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଟିବି ପୀଡ଼ିତଙ୍କ ଉଦ୍ଦେଶ୍ୟରେ ବାର୍ତା ଦେଇ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଆହ୍ୱାନରେ ଦେଶକୁ ୨୦୨୫ ସୁଦ୍ଧା ସଂପୂର୍ଣ୍ଣ ଭାବରେ ଟିବି ମୁକ୍ତ କରିବା ପାଇଁ ସରକାର ସଂକଳ୍ପବଦ୍ଧ ହୋଇଛନ୍ତି । 'ଅନ୍ତୋଦୟ' ଅଭିଯାନର ଅଂଶସ୍ୱରୂପ "ଟିବି ମୁକ୍ତ ଭାରତ ଅଭିଯାନ" ପ୍ରଧାନମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ସାରା ଦେଶରେ ଆରମ୍ଭ ହୋଇଛି । ଚଳିତ ସେପ୍ଟେମ୍ବର ୯ ତାରିଖରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ "ଟିବି ମୁକ୍ତ ଭାରତ ଅଭିଯାନ"ର ଶୁଭାରମ୍ଭ କରିବା ସହ ଏଥିରେ ସାମିଲ ହେବା ପାଇଁ ଦେଶବାସୀଙ୍କୁ ଆହ୍ୱାନ କରିଥିଲେ ।ଏହି ଅଭିଯାନରେ ଟିବି ପୀଡ଼ିତ ଭାଇ ଓ ଭଉଣୀଙ୍କୁ ସାହାଯ୍ୟ କରିବା ପାଇଁ ଗୋଟିଏ ପୋର୍ଟାଲ ନିରନ୍ତର କାମ କରୁଛି । ଆଧୁନିକ ଚିକିତ୍ସା ବଳରେ ଟିବିର ସଂପୂର୍ଣ୍ଣ ବିଲୋପ କରାଯାଇପାରିବ। ଏଥିପାଇଁ ରୋଗୀଙ୍କୁ ଧୈର୍ଯ୍ୟ ଧରି ସାହସର ସହ ଏହି ରୋଗର ମୁକାବିଲା କରିବାକୁ ପଡିବ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପୀଡିତଙ୍କ ଆଶୁ ଆରୋଗ୍ୟ ଓ ସଂପୂର୍ଣ୍ଣ ସ୍ୱାସ୍ଥ୍ୟ ଲାଭ ସହ ପାରିବାରିକ ମଙ୍ଗଳ ପାଇଁ ପ୍ରାର୍ଥନା କରୁଛି ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି। ଏହାବ୍ୟତିତ ଆଗାମୀ ଦିନରେ ଏହି ୪ ଜିଲ୍ଲାରେ ଥିବା ଟିବି ରୋଗରେ ପୀଡ଼ିତଙ୍କ ପାଖରେ ପୁଷ୍ଟି କିଟ୍ ପହଂଚିବ ବୋଲି କହିଛନ୍ତି ।

ଇନଟ୍ରୋଡ଼କସନ ଟୁ ସାଇକୋଲଜି ଅଫ ଡ଼ିଜାବିଲିଟି ପୁସ୍ତକ ଲୋକାର୍ପଣ

ଭୁବନେଶ୍ୱର,(ପି.ଏନ): ଓଡ଼ିଶୀ ରିସର୍ଚ୍ଚ ସେଂଟ ଜାଭିୟର ଛକ ଭୁବନେଶ୍ୱରଠାରେ ପ୍ରଫେସର ଡଃ ଗୋପଳ କୃଷ୍ଣ ନନ୍ଦ, ଡଃ ବିନୟ ଭୂଷଣ ମହାପାତ୍ର, ଡଃ ଭାଗିରଥୀ ମହାପାତ୍ର ଓ ଡଃ ଇନ୍ଦ୍ରମଣି ଜେନାଙ୍କ ଲିଖିତ 'ଇନଟ୍ରୋଡ଼କସନ ଟୁ ସାଇକୋଲଜି ଅଫ ଡ଼ିଜାବିଲିଟି" ପୁସ୍ତକଟିକୁ ବିଜୟିନୀ ସ୍ମୃତି ଟ୍ରଷ୍ଟ ପକ୍ଷରୁ ଆୟୋଜିତ 'ବିଜୟିନୀ ସ୍ମୃତି ସଭା- ୨୦୨୨'ଠାରେ ରମାଦେବୀ ବିଶ୍ୱବିଦ୍ୟାଳୟର କୁଳପତି ଡଃ ଅପରାଜିତା ଚୌଧୁରୀ, ବିଶିଷ୍ଟ ଲେଖକ ଡଃ ଗୌରହରି ଦାସ, ଡଃ କେଶବ ଚନ୍ଦ୍ର ଶତପଥୀ ଓ ପ୍ରଫେସର ଡଃ ସିପ୍ରା ମହାନ୍ତି (ଯୁକ୍ତରାଷ୍ଟ୍ର ଆମେରିକା)ଙ୍କ ଦ୍ୱାରା ଉନ୍ମୋଚନ ହୋଇଯାଇଛି। ପୁସ୍ତକଟିରେ ସ୍ଥାନ ପାଇଥିବା ବିଷୟବସ୍ତୁ ଗୁଡ଼ିକ ଉପରେ ଡଃ ଗୋପାଳ କୃଷ୍ଣ ନନ୍ଦ ସଂକ୍ଷିପ୍ତ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସ୍ମୃତିସଭାରେ ଶତାଧିକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୨ତମ ଜନ୍ମଦିନ ଅବସରରେ ସାରା ଦେଶରେ ଅନେକ କାର୍ଯ୍ୟକ୍ରମ :ସବୁ ମହଲରୁ ଶୁଭକାମନାର ସୁଅ

ଭୁବନେଶ୍ୱର, (ପି.ଏନ): ଶନିବାର ଦିନ ୭୨ ବର୍ଷରେ ପଦାର୍ପଣ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।

ଏ ନେଇ ସାରା ଦେଶରେ ଅନେକ କାର୍ଯ୍ୟକ୍ରମ ଚାଲିଛି । ସେହିପରି ବିଜେପି ପକ୍ଷରୁ ସାରା ଦେଶରେ ଆଗାମୀ ୧୫ ଦିନ ଧରି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରା ଯିବ । ଅନ୍ୟ ପକ୍ଷରେ ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିବସକୁ ନେଇ ତାଙ୍କୁ ବିଭିନ୍ନ ମହଲାରୁ ଶୁଭକାମନାର ସୁଅ ଛୁଟିଛି ।ମିଳିଥିବା ସୂଚନା ଅନୁସାରେ ଭାରତୀୟ ଜନତା ପାର୍ଟୀ ପକ୍ଷରୁ ଆଗାନୀ ୧୫ ଦିନ ଯାଏ ସାରା ଦେଶରେ ବିଭିନ୍ନ ସେବାକାର୍ଯ୍ୟ ମାନ ଅନୁଷ୍ଠିତ ହେବ । ସେବାପକ୍ଷ ଅବସରରେ ୧୭ ତାରିଖ ଦିନ ମୋଦିଜୀଙ୍କ ଜନ୍ମଦିନ, ୨୫ ତାରିଖ ଦିନ ପଣ୍ଡିତ ଦୀନଦାୟାଲଜୀଙ୍କ ଜୟନ୍ତୀ ଏବଂ ଅକ୍ଟୋବର ୨ ତାରିଖ ଦିନ ଗାନ୍ଧୀ ଜୟନ୍ତୀ ପାଳନ କରାଯିବ ।

୧୫ ଦିନ ଧରି ପାଳନ କରାଯିବାକୁ ଥିବା ସେବାପକ୍ଷ ପାଳନ ଅବସରରେ ମୋଦିଜୀଙ୍କ ଦୀର୍ଘାୟୁ ଓ ସୁସ୍ଥ ଜୀବନର କାମନା କରାଯିବ । ସହିତ ବିଭିନ୍ନ ସେବାମୂଳକ କାର୍ଯ୍ୟ, ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ଶିବିର, କୃତ୍ରିମ ଅଙ୍ଗ ଓ ଉପକରଣ ପ୍ରଦାନ, ପ୍ରଦର୍ଶନୀମାନ ପର୍ଯ୍ୟାୟକ୍ରମେ ଅନୁଷ୍ଠିତ ହେବ । ୧୭ ଓ ୧୮ ତାରିଖ ଦିନ ଯୁବମୋର୍ଚ୍ଚା ଦ୍ୱାରା ପ୍ରତ୍ୟେକ ଜିଲ୍ଲାରେ ରକ୍ତଦାନ ଶିବିରର ଆୟୋଜନ କରାଯିବ । ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିତ୍ୱ, ଦୂରଦୃଷ୍ଟି, ନୀତି ଓ ଉପଲବ୍ଧିକୁ ନେଇ ୧୭ ରୁ ୨୦ ତାରିଖ ପର୍ଯ୍ୟନ୍ତ ବୁଦ୍ଧିଜୀବି ପ୍ରକୋଷ୍ଠ ତରଫରୁ "ବୁଦ୍ଧିଜୀବି ସମ୍ମିଳନୀ" ଅନୁଷ୍ଠିତ ହେବ ।ସେହିପରି ସେପ୍ଟେମ୍ବର ୧୯ରୁ ୨୧ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର, ସେପ୍ଟେମ୍ବର ୨୨ ରୁ ୨୪ ପର୍ଯ୍ୟନ୍ତ ବୃକ୍ଷରୋପଣ ଓ ଜଳ ସଂରକ୍ଷଣ; ସେପ୍ଟେମ୍ବର ୨୩ ଓ ୨୪ ସ୍ୱଚ୍ଛତା ଅଭିଯାନ କରାଯିବ । 'ସେବାପକ୍ଷ' ଅବସରରେ ପଣ୍ଡିତ ଦୀନଦୟାଲ ଜୟନ୍ତୀ ମଧ୍ୟ ପାଳିତ ହେବ । ଏହି ଅବସରରେ ୨୫ ତାରିଖ ଦିନ ମନ୍ କି ବାତ୍ ?; ସେପ୍ଟେମ୍ବର ୨୬ ରୁ ୨୮ ଟୀକାକରଣ ଅଭିଯାନ; ଅକ୍ଟୋବର ୧ ତାରିଖ ଦିନ 'ବିବିଧତାରେ ଏକତା ଦିବସ' ପାଳନ ଅବସରରେ 'ଏକ୍ ଭାରତ ଶ୍ରେଷ୍ଠ ଭାରତ' ବାର୍ତାକୁ ବ୍ୟାପକ ଭାବେ ପ୍ରଚାର ଓ ପ୍ରସାର କରାଯିବ ।'ସେବାପକ୍ଷ'ର ଅନ୍ତିମ ଦିନ ଅକ୍ଟୋବର ୨ ତାରିଖ ଦିନ ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳନ ଅବସରରେ ପ୍ରତିମୁର୍ତିରେ ମାଲ୍ୟାର୍ପଣ କରାଯିବା ସହିତ ବାପୁଙ୍କ ସିଦ୍ଧାନ୍ତ, ସ୍ୱଦେଶୀ, ଖଦୀ, ସ୍ୱାବଲମ୍ବନ, ସରଳତା ଏବଂ ସ୍ୱଚ୍ଛତା ସଂପର୍କରେ ସମସ୍ତଙ୍କୁ ଜାଗରଣ କରିବା ପାଇଁ ଅଭିଯାନ କରାଯିବ । 'ଆତ୍ମନିର୍ଭର' କାର୍ଯ୍ୟକ୍ରମକୁ 'ଭୋକାଲ୍ ଫର୍ ଲୋକାଲ୍' ମାଧ୍ୟମରେ ବ୍ୟାପକ ପ୍ରଚାର ଓ ପ୍ରସାର କରାଯିବାର କାର୍ଯ୍ୟକ୍ରମ ରହିଛି ।

କେନ୍ଦ୍ର ସରକାରଙ୍କ କୃଷକ ବିରୋଧୀ କୃଷି ଆଇନର ପ୍ରତ୍ୟାହାର ଦାବୀରେ କିଷାନ କଂଗ୍ରେସର ବିଭିନ୍ନ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ପିଏନ)- କେନ୍ଦ୍ର ବିଜେପି ସରକାର ଚାଷୀମାନଙ୍କ ସହିତ କୌଣସି ବିଚାର ବିମର୍ଷ ନକରି ଯେଉଁ ତିନୋଟି କୃଷି ଆଇନ୍ ପ୍ରଣୟନ କରିଛନ୍ତି ଏହା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ଓ ଚାଷୀ ବିରୋଧୀ ବୋଲି କୁହାଯାଇଛି। ଏହି ବିଲ୍ ତିନୋଟିର କାର୍ଯ୍ୟକାରୀ ହେଲେ ରାଜ୍ୟର ୮୨ ପ୍ରତିଶତ ଚାଷୀ ବହୁଳ ଭାବରେ କ୍ଷତିଗ୍ରସ୍ତ ହେବେ। ଭାଗଚାଷୀ କୌଣସି ସୁଫଳ ପାଇବେ ନାହିଁ। ଫଳରେ ଭବିଷ୍ୟତରେ ଚାଷୀ ଓ ଚାଷ କ୍ଷେତ୍ରରେ ଏକ ନୈରାଶ୍ୟଜନକ ପରିସ୍ଥିତି ସୃଷ୍ଟିହେବ। ଏହାଦ୍ୱାରା କେବଳ ଘରୋଇ କମ୍ପାନୀମାନେ ଚାଷୀଙ୍କୁ ଶୋଷଣ କରି ବିପୁଳ ଲାଭବାନ ହେବେ। ତେଣୁ ସମଗ୍ର ଦେଶରେ ଏହା ବିରୁଦ୍ଧରେ ବ୍ୟାପକ ଚାଷୀ ଆନ୍ଦୋଳନ ଚାଲିଥିବା ବେଳେ ଏହାକୁ ରାଜ୍ୟରେ ଅଧିକ ଶାଣିତ କରିବା ପାଇଁ ପିସିସି କିଷାନ କଂଗ୍ରେସର ବହୁ ଗୁରୁଦାୟିତ୍ୱ ରହିଛି ବୋଲି ଓଡ଼ିଶା ପ୍ରଭାରୀ ତଥା ସି.ଡ୍ଲୁ.ସି ସଦସ୍ୟ ସାଂସଦ ଡଃ. ଏ ଚେଲ୍ଲାକୁମାର ତାଙ୍କର ଗତ ୬ ଦିନିଆ ଓଡ଼ିଶା ଗସ୍ତ କାର୍ଯ୍ୟକାଳରେ କିଷାନ କଂଗ୍ରେସ କର୍ମକର୍ତ୍ତାମାନଙ୍କ ସ୍ୱତନ୍ତ୍ର ବୈଠକରେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ଚାଷୀଙ୍କର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟର ସମସ୍ତ ବ୍ଲକସ୍ତରରୁ ଚାଷୀ ସ୍ୱାକ୍ଷର ଅଭିଯାନକୁ ବ୍ୟାପକ କରିବା ସହ ପ୍ରତି ଜିଲ୍ଲା ଓ ବ୍ଲକସ୍ତରରେ କଳା କୃଷିବିଲ୍ ସଂକ୍ରାନ୍ତୀୟ କର୍ମଶାଳା ଆୟୋଜନ କରାଯିବାକୁ ସ୍ଥିର କରାଯାଇଛି। ଏଥିରେ ବିଭିନ୍ନ କୃଷକ ସଂଗଠନର ପ୍ରତିନଧି, କୃଷିବିତ୍, କିଷାନ କଂଗ୍ରେସ କର୍ମକର୍ତ୍ତା, ବୁଦ୍ଧିଜୀବି ଓ କୃଷକ ଭାଇମାନଙ୍କୁ ଅଧିକରୁ ଅଧିକ ସାମିଲ କରାଯାଇ ସରକାରଙ୍କ ଏହି ଚାଷୀମାରଣ ନୀତି ବିରୁଦ୍ଧରେ ପ୍ରତି ଗାଁ ଓ ପ□ାୟତସ୍ତରରୁ ସଚେତନ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ପିସିସି କିଷାନ କଂଗ୍ରେସ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ସାଂସଦ ସପ୍ତଗିରୀ ଉଲାକା ମଧ୍ୟ ଉପସ୍ଥିତ ରହି କିଷାନ କଂଗ୍ରେସ ସଂଗଠନକୁ ତୃଣମୂଳସ୍ତରରୁ ସକ୍ରିୟ କରିବା ସହ ଚାଷୀଙ୍କ ହକ୍ ପାଇଁ କିଷାନ କଂଗ୍ରେସ ବିଭିନ୍ନ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କମିଟିର କର୍ମକର୍ତ୍ତା ଓ ଜିଲ୍ଲା କିଷାନ କଂଗ୍ରେସ ଅଧ୍ୟକ୍ଷବୃନ୍ଦ ଉପସ୍ଥିତ ରହି ଦଳୀୟ ସଂଗଠନ ଓ ସେମାନଙ୍କ ଜିଲ୍ଲାରେ ଉପୁଜୁଥିବା ଚାଷୀ ସମସ୍ୟା ସମ୍ପର୍କରେ ଡଃ. ଚେଲ୍ଲାକୁମାରଙ୍କୁ ଅବଗତ କରାଇଥିଲେ। କେନ୍ଦ୍ର ସରକାର ସର୍ବପ୍ରଥମେ ଏମ୍.ଏସ୍.ସ୍ୱାମୀନାଥନ୍ ଜାତୀୟ କୃଷକ କମିଶନ-୨୦୦୬ ସୁପାରିଷ ଅନୁଯାୟୀ ସମସ୍ତ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ମୋଟ ଉତ୍ପାଦନ ଖର୍ଚ୍ଚର) ଦେଢଗୁଣା ବୃଦ୍ଧି କରିବା ସହ ଦେଶରେ ଋଣଭାରରେ ଥିବା ସମସ୍ତ ଚାଷୀଙ୍କଠାରୁ ତୁରନ୍ତ କୃଷିଋଣ ଛାଡ଼ କରିବା ଓ ୧୯୫୫ ମସିହାର ଅତ୍ୟବଶ୍ୟକ ସାମଗ୍ରୀ ସଂଶୋଧନ ଆଇନ, କଞ୍ଟ୍ରାକ୍ଟ ଫାର୍ମିଂ ବା ଚୁକ୍ତିନାମା ଚାଷ ଆଇନ ଓ ପ୍ରାଇଭେଟ ମଣ୍ଡି ଆଇନକୁ ରଦ୍ କରିବା ପାଇଁ ପିସିସି କିଷାନ କଂଗ୍ରେସ ପକ୍ଷରୁ ଦୃଢ଼ ଦାବୀ କରାଯାଉଥିବା ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ପ୍ରକାଶ କରିଛନ୍ତି।

ଭିକ ମାଗି, ଜୋତା ପଲିସ କରି ମୋଦିଙ୍କ ଜନ୍ମଦିନ ପାଳିଲା ଯୁବ କଂଗ୍ରେସ

ଭୁବନେଶ୍ୱର, (ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନକୁ ଜାତୀୟ ବେରୋଜଗାର ଦିବସ ଭାବେ ପାଳନ କରିଛି ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ। ଏହି ଅବସରରେ ମାଷ୍ଟର କ୍ୟାଂଟିନ ଛକଠାରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ଯୁବ କଂଗ୍ରେସ କର୍ମୀମାନେ ଭାଷା ମାଗିବା ସହ ଜୋତା ପଲିସ କରି ଅଭିନବ ଭାବେ ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ଯୁବ କଂଗ୍ରେସ ସଭାପତି ଡ. ଲେଙ୍କା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହ କହିଛନ୍ତି ଯେ ୨୦୧୪ ମସିହା ସାଧାରଣ ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ ପ୍ରତିବର୍ଷ ୨କୋଟି ଯୁବକ ଯୁବତୀଙ୍କୁ ନିଯୁକ୍ତି ସୁଯୋଗ ଦେବାର ଯେଉଁ ସ୍ୱପ୍ନ ଦେଖାଇଥିଲେ ତାହା ପ୍ରହସନରେ ପରିଣତ ହୋଇଛି। ନିଯୁକ୍ତି ତ ଦୂରର କଥା, ନିର୍ବାଚନ ପରେ ମୋଦି ସରକାର ଜନସାଧାରଣଙ୍କ ହାତରୁ ରୋଜଗାର ଛଡ଼ାଇନେବାକୁ ଯୋଜନା କରୁଛନ୍ତି। ଆଦାନୀ, ଅମ୍ବାନୀଙ୍କ ଭଳି କେତେକ ପୁଞ୍ଜିପତିଙ୍କ ସମ୍ବଳ ବଢ଼ାଇବାକୁ ଯାଇ ବହୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗକୁ ଧୂଳିସାତ କରିଦେଇଛନ୍ତି। ବହୁ ଶିକ୍ଷିତ ଯୁବକ ଯୁବତୀ ନିଯୁକ୍ତି ନପାଇ ମାନସିକ ଦୁଶ୍ଚିନ୍ତାରେ ଅଛନ୍ତି। ଏଭଳି ସ୍ଥିତିରେ ସେମାନଙ୍କୁ ସ୍ୱାବଲମ୍ବୀ କରିବା ଓ ସ୍ଥାୟୀ ନିଯୁକ୍ତି ସୁଯୋଗ ଦେବା ପରିବର୍ତେ ମୋଦି ସରକାର ଅଗ୍ନିପଥ ଭଳି ଲକ୍ଷ୍ୟହୀନ ଯୋଜନା କରିଛନ୍ତି। ଏହା ଦ୍ୱାରା ଗୋଟିଏ ପଟେ ଦେଶର ସାମରିକ ସୁରକ୍ଷା ବ୍ୟବସ୍ଥା ପ୍ରତି ବିପଦ ଆଶଙ୍କା ଥିବାବେଳେ ଅନ୍ୟପଟେ ଠିକା ନିଯୁକ୍ତି ପଛରେ ଧାଇଁ

ସବୁଛାଡ଼ି ଯିବାକୁ ହିଁ ପଡ଼ିବ !

ଆମର ଆଖପାଖର ଦୁନିଆରେ ଅନେକ ସମୟରେ ଆମେ ଏପରି ଏକ ଏକ ଘଟଣାକୁ ସାମ୍ନା କରୁ ଯାହାକି ଆମ୍ଭମାନଙ୍କୁ ବିବେକର ନିଷ୍ପତ୍ତି ନେଇ ଚିନ୍ତା କଲାବେଳକୁ ଘଟଣାଚକ୍ର ଆଉ କିଛି ମୋଡ଼ ନେଇଯାଇଥାଏ। ସେହିପରି ଜୀବନରେ ଅନେକ ସମୟରେ ଆମେ ଅନୁଭବ କରୁ ଯେ ପ୍ରକୃତରେ ଆମେ ଆସିଥିବା ଦୁନିଆରେ ଆମ୍ଭ ମାନଙ୍କ ପାଇଁ ଶ୍ରେଷ୍ଠ କର୍ତ୍ତବ୍ୟର ଆହ୍ୱାନ କ'ଣ ? ଏହିପରି କ୍ରମରେ ଏକ ଛୋଟିଆ ଆଧ୍ୟାତ୍ମିକ ତତ୍ତ୍ୱର କଥାଟି ଉପସ୍ଥାପନ କରୁଛି। ଦିନେ ପିମ୍ପୁଡ଼ିଟିଏ ଗୋଟିଏ ପତ୍ର ପାଇଲା। ପତ୍ର ତାର କେଉଁ କାମରେ ଲାଗିବ, ତାକୁ ଜଣା ନଥିଲା ବା ସେତକ ଜାଣିବା ପାଇଁ ତାଠାରେ ବୋଧଶକ୍ତିର ଅଭାବ ଥିଲା। ହେଲେ ସେ ପତ୍ରଟିକୁ ବୋହି ଘରମୁହାଁ ହେଲା। ପିମ୍ପୁଡି ତୁଳନାରେ ପତ୍ରଟି ଖୁବ୍ ବଡ଼ ଥିଲା। ପତ୍ରଟିକୁ ବୋହିବା ପାଇଁ ତାକୁ ଖୁବ୍ ପରିଶ୍ରମ କରିବାକୁ ପଡୁଥାଏ। ବାଟରେ ଆସିଲା ନାନା ପ୍ରତିବନ୍ଧ। ତେବେ ସେ ନିଜ ନିପୁଣତାର ପରିଚୟ ଦେଇ ସମସ୍ତ ପ୍ରତିବନ୍ଧ ପାର ହୋଇଗଲା। ଶେଷରେ ସେ ପହଞ୍ଚିଲା ନିଜର ଲକ୍ଷ୍ୟ ସ୍ଥଳୀ ଗାତ ମୁହଁରେ। ପତ୍ରଟିକୁ ଗାତ ଭିତରକୁ ନେବାକୁ ଚେଷ୍ଟା କରି ସେ ବିଫଳ ହେଲା। କୌଣସି ପ୍ରକାରେ ନିଜର ଉଦ୍ୟମରେ ସଫଳ ନ ହେବାରୁ ସେଇଟିକୁ ଗାତ ବାହାରେ ଛାଡ଼ି ସେ ଭିତରେ ପଶିଗଲା। ଅର୍ଥାତ୍ ସେ ଅଯଥା ଜିନିଷଟିଏ ବୋହିଚାଲିଥିଲା ଯାହାକୁ ଶେଷରେ ସେ ଛାଡ଼ିବାକୁ ବାଧ୍ୟ ହେଲା। ମଣିଷର ଜୀବନ ବି ବହୁ ମାତ୍ରାରେ ପିମ୍ପୁଡ଼ି ପରି ନୁହେଁ କି ? ଆମେ ପରିବାର ପାଇଁ ବ୍ୟସ୍ତ। ଅର୍ଥାଭାବ ଆମକୁ ବିବ୍ରତ କରେ। ଆମ ଭିତରେ ଏମିତି ଅନେକ ଅଛନ୍ତି ଯେଉଁମାନେ ଅର୍ଥ ସଞ୍ଚିବାକୁ ଜୀବନର ଧର୍ମ ଭାବନ୍ତି। ଅସଫଳତା ଆମକୁ ଘାରେ। ସଫଳ ହେବା ପାଇଁ ଆମେ ନାନା ଅବୈଧ ପନ୍ଥାର ଆଶ୍ରୟ ନେଉ। ତେବେ ଶେଷରେ କ'ଣ ହୁଏ ? ଅନ୍ତିମ ସମୟରେ ଧନସଂପତ୍ତି, ସଂପର୍କୀୟ କୌଣସି କାମରେ ଲାଗନ୍ତିନାହିଁ। ସବୁ ଛାଡ଼ି ଏକଲା ଯିବାକୁ ପଡ଼େ।

ଦେବଦତ୍ତ ବିଶ୍ୱାଳ, ରାମନିଗମେଶ୍ୱର ମନ୍ଦିର, ଚହଟା, କଟକ, ଦୂରଭାଷ: ୯୮୬୧୯୪୪୫୯୪,
E-mail : deba1976biswal@gmail.com

ମନସା ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର

ପାରାଦୀପ (ପିଏନ୍)-ପାରାଦୀପ ଅଂଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ମନସା ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ପାରାଦୀପ ମହାବିଦ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ପାରାଦୀପ ମହାବିଦ୍ୟାଳୟ ନାଭାଲ ଏନ୍.ସି.ସି. ସହଯୋଗରେ ଆୟୋଜିତ ଏହି ଶିବିରକୁ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ୍. ହରନାଦ, ପାରାଦୀପ ମହାବିଦ୍ୟାଳୟର ଅଧକ୍ଷା ଡ. ସସ୍ମିତା ଶତପଥିଙ୍କ ସମେତ ଅନ୍ୟ ସମ୍ମାନନୀୟ ଅତିଥିମାନଙ୍କ ଉପସ୍ଥିତିରେ ଉଦଘାଟନ କରିଥିଲେ । ଏହି ଶିବିରକୁ ମନସା ଚାରିଟେବୁଲ୍ ଟ୍ରଷ୍ଟର ପ୍ରତିଷ୍ଠାତା ଅଧକ୍ଷ ମୃତ୍ୟୁଂଜୟ ମିଶ୍ର ପରିଚାଳନା କରିଥିଲେ । ଏହି ଅବସରରେ ବନ୍ଦର ଅଧକ୍ଷ ଶ୍ରୀ ହରନାଦ ରକ୍ତଦାନ ଶିବିର ଏକ ମହାନ୍ କାର୍ଯ୍ୟ, ଏଭଳି କାର୍ଯ୍ୟକୁ ସେ ଉଚ୍ଚ ପ୍ରଶଂସା କରିବା ସହ ରକ୍ତଦାତାଙ୍କୁ ଅଭିନନ୍ଦନ ଜଣାଇଥିଲେ । ପବିତ୍ର ରାଧାଷ୍ଟମୀ ଅବସରରେ ପୁରୁଷମାନଙ୍କ ସହିତ ସମାନ ଭାବେ ମହିଳାମାନେ ରକ୍ତଦାନ କରିବାକୁ ଆଗ୍ରହ ପ୍ରକାଶ କରିଥିବାରୁ ଶ୍ରୀ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଏହି ଶିବିରରେ ରକ୍ତଦାନ କରିଥିବା ସମସ୍ତ ରକ୍ତଦାତାମାନେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ, କାରଣ ସେମାନଙ୍କ ଠାରୁ ଅନ୍ୟମାନେ ରକ୍ତଦାନ ପାଇଁ ଶିକ୍ଷାଲାଭ କରିବେ ବୋଲି ସେ ଆଶା ପ୍ରକଟ କରିଥିଲେ ।

ବନ୍ୟା କ୍ଷୟକ୍ଷତି ରିପୋର୍ଟରୁ ସଦର ଓ ରେମୁଣା ବ୍ଲକ ବାଦ୍

ବାଲେଶ୍ୱର (ପିଏନ୍)-ଲଘୁଚାପ ଜନିତ ପ୍ରବଳ ବର୍ଷା ଓ ବନ୍ୟା ଦ୍ୱାରା ଜିଲ୍ଲା ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ଦିଆଯାଇଥିବା କ୍ଷୟକ୍ଷତି ରିପୋର୍ଟରେ ସଦର ଓ ରେମୁଣା ବ୍ଲକକୁ ବାଦ୍ ଦିଆଯାଇଥିବାରୁ ପ୍ରବଳ ଜନଅସନ୍ତୋଷ ସୃଷ୍ଟି ହୋଇଛି । ଚଳିତ ବର୍ଷାରେ ଭୋଗରାଇ, ବାଲିଆପାଳ, ଜଳେଶ୍ୱର, ବସ୍ତା ବ୍ଲକରେ ଧାନଚାଷ, ପନିପରିବା ଓ ଅନ୍ୟାନ୍ୟ ଶସ୍ୟ, ରାସ୍ତାଘାଟ, ଘର, ପାନୀୟ ଜଳ ବ୍ୟବସ୍ଥା ଆଦି ପ୍ରଭାବିତ ହୋଇଥିବା ରିପୋର୍ଟରେ ଦିଆଯାଇଥିବା ବେଳେ ରେମୁଣା ଓ ସଦର ବ୍ଲକରେ ଆଦୌ କୌଣସି କ୍ଷତି ହୋଇ ନ ଥିବା ଦର୍ଶାଯାଇ ନାମକୁ ମାତ୍ର ଯୋଡ଼ାଯାଇଥିବା ଜଣାପଡ଼ିଛି । ଏ ନେଇ ସଦର ବିଜେପି ପକ୍ଷରୁ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ସଦର ବ୍ଲକର ବାହାବଳପୁର ଛାନୁଆ, ଆଲୁମେଦା, କିରାଡ଼ିହା, ବୁଆଁଳ, ଗୋପିନାଥପୁର, ସିଦ୍ଧିଆ, ପରିକ୍ଷି, ଦୁବୁଲାଗଡ଼ି ଆଦି ପଞ୍ଚାୟତର ଶହ ଶହ ହେକ୍ଟର ଜମି ବୁଢ଼ାବଳଙ୍ଗ ଓ ଜଳକା ନଦୀର ବନ୍ୟାଜଳରେ ପ୍ରଭାବିତ ହୋଇଥିବା ଜଣାଇଥିଲେ । ଏହାବ୍ୟତୀତ ମାତ୍ରାଧିକ ଭାବେ ଗଢ଼ି ଉଠିଥିବା ବେଆଇନ ଚିଙ୍ଗୁଡ଼ି ଘେରି ପାଇଁ ତଳିଆ ଜମିରୁ ପାଣି ନିଷ୍କାସନ ହୋଇପାରୁନାହିଁ । ଫଳରେ ଚାଷ ନଷ୍ଟ ହୋଇଯାଇଛି । ସେହିପରି ରେମୁଣା ବ୍ଲକର ବଡ଼ପାଳ, ମନ୍ଦାରପୁର, ଦୁର୍ଗାଦେବୀ, କଲ୍ୟାଣପୁର, ଗଣ୍ଡରଦା ଆଦି ପଞ୍ଚାୟତରେ ଶହ ଶହ ହେକ୍ଟର ଜମିରେ ସେମାନେ କରିଥିବା ଉଭୟ ଧାନ ଓ ପନିପରିବା ଚାଷ ନଷ୍ଟ ହୋଇଯାଇଛି । ଶତାଧିକ ହେକ୍ଟର ଜମିରେ ଫସଲ ବନ୍ୟା ପାଣିରେ ନଷ୍ଟ ହୋଇଥିବା ବେଳେ କ୍ଷୟକ୍ଷତି ଆକଳନ ରିପୋର୍ଟରେ ତାହା ଦର୍ଶାଯାଇ ନ ଥିବା ଅନ୍ୟନ୍ତ ପରିତାପର ବିଷୟ। ଜିଲ୍ଲା ପ୍ରଶାସନ ତୁରନ୍ତ ଏହାଉପରେ ଆଉଥରେ ବିଚାର କରିବାକୁ ୨ ବ୍ଲକରେ ଚାଷୀ ମାନଙ୍କ ପକ୍ଷରୁ ଦାବି କରାଯାଇଛି ।

ଛାତ୍ର କଂଗ୍ରେସର ବିଜୁ ପଟ୍ଟନାୟକ କଲେଜ କ୍ୟାମ୍ପସ କମିଟି ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ସାକ୍ଷାତ କଲେ

ଭୁବନେଶ୍ୱର (ପିଏନ୍)-ଭୁବନେଶ୍ୱର ଜିଲ୍ଲା ଛାତ୍ର କଂଗ୍ରେସର ଉପସଭାପତି ସୁଶ୍ରୀ ରାଜଲକ୍ଷ୍ମୀ ସାହୁଙ୍କ ନେତୃତ୍ୱରେ ଭୁବନେଶ୍ୱର ସ୍ଥିତ ବିଜୁ ପଟ୍ଟନାୟକ କଲେଜ ଅଫ ସାଇନ୍ସ ଆଣ୍ଡ ଏଜୁକେସନର କ୍ୟାମ୍ପସ କମିଟି କଲେଜର ବିଭିନ୍ନ ମୌଳିକ ସମସ୍ୟା ସମ୍ବଳିତ ଏକ ଦାବିପତ୍ର ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ରୋହିତ ପୂଜାରୀଙ୍କୁ ତାଙ୍କ ସରକାରୀ ବାସଭବନରେ ସାକ୍ଷାତ କରି ପ୍ରଦାନ କରିଥିଲେ । କଲେଜର ବିଭିନ୍ନ ସମସ୍ୟା ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ସେହି ଦାବିଗୁଡ଼ିକ ହେଲା କଲେଜରେ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ, ସ୍ପୋର୍ଟସର ବ୍ୟବସ୍ଥା, କଲେଜର ପରିସର, କ୍ଲାସରୁମ ଏବଂ ଶୌଚାଳୟର ସଫେଇ ବ୍ୟବସ୍ଥା, ବାର୍ଷିକ ଉତ୍ସବ, ଆବଶ୍ୟକ ଅନୁଯାୟୀ ଅଧ୍ୟାପକ ନିଯୁକ୍ତି, ଅନ୍ୟାନ୍ୟ ଶିକ୍ଷା ସମ୍ବନ୍ଧୀୟ ଉତ୍ସବ, କ୍ୟାମ୍ପସରେ ନିଶାନିବାରଣ, ସାଇକେଲ ଓ ମୋଟର ସାଇକେଲ ଷ୍ଟାଣ୍ଡ, କ୍ୟାମ୍ପସରେ ଅସାମାଜିକ ଯୁବକମାନଙ୍କର ପ୍ରବେଶ ନିଷେଧ ସହ ଛାତ୍ରଛାତ୍ରୀମାନଙ୍କ ପ୍ରତି ଅଧ୍ୟାପକମାନଙ୍କର ଭଲ ବ୍ୟବହାର । ଶ୍ରୀ ପୂଜାରୀ ଛାତ୍ରଛାତ୍ରୀମାନଙ୍କ ସହିତ ଏହି ଦାବି ବିଷୟରେ ଆଲୋଚନା କରି ତୁରନ୍ତ ପଦକ୍ଷେପ ନେବାପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କ୍ୟାମ୍ପସ କମିଟିର ସଭାପତି ଶ୍ରୀ ଦେବାଶିଷ ସାହୁଙ୍କ ସହ ଶ୍ରୀ ମହାନ୍ତି, ସମିଉଲ ହକ, ରିଆଜୁଲ ଇସଲାମ, ସଚ୍ଚିଦାନନ୍ଦ ସେଠୀ, ସ୍ୱପ୍ନାରାଣୀ ସ୍ୱାଇଁ, ଚନ୍ଦନ ଦଳେଇ, ସ୍ୱାଗତିକା କର, ଶୁଭମ ସାହୁ, ସିଦ୍ଧାନ୍ତ କୁମାର ବିଶ୍ୱାଳ, ଚନ୍ଦନ ବେହେରା ଓ ଅମିୟରଂଜନ ମହାରଣା ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

ଭୋଟର ପରିଚୟ ପତ୍ର ସହ ଆଧାର ସଂଯୋଗୀକରଣ

ଖୋର୍ଦ୍ଧା/ବୋଲଗଡ (ପିଏନ)- ସ୍ଥାନୀୟ ପରମାନନ୍ଦ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଭୋଟର ପରିଚୟ ପତ୍ର ସହ ଆଧାର କାର୍ଡ ସଂଯୋଗ ସମ୍ବନ୍ଧୀୟ ବୈଷୟିକ ସୂତ୍ର ଓ କୌଶଳ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏ ନେଇ ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ରନାଥ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ନୋଡାଲ ଅଫିସର ଅଧ୍ୟାପକ ସରୋଜ କୁମାର ଦାଶ ସଂଯୋଜନା କରିଥିଲେ । ଏହି ଜାତୀୟ କାର୍ଯ୍ୟକ୍ରମର ଲକ୍ଷ୍ୟ ଅନୁଯାୟୀ ଏଥିରେ ୧୮ ବର୍ଷ ଓ ତଦୂର୍ଦ୍ଧ୍ୱ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କଲେ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ସୁଦୃଢ ହୋଇପାରିବ ବୋଲି ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବୋଲଗଡ ବ୍ଲକର ଏବିଡିଓ ଡଃ ରତିକାନ୍ତ ମିଶ୍ର ସ୍ୱତନ୍ତ୍ର ଅତିଥି ଓ ବିଷୟ ବିଶେଷଜ୍ଞ ଶିକ୍ଷକ ସୂର୍ଯ୍ୟକାନ୍ତ ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିର୍ବାଚନ ପରିଚାଳନାଜନିତ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଓ ସୁବ୍ୟବସ୍ଥିତ କରିବା ପାଇଁ ପ୍ରତ୍ୟେକ ନାଗରିକଙ୍କ ଅଧାରକାର୍ଡ ସହ ଭୋଟର ପରିଚୟପତ୍ର ସଂଯୋଗ ନିତାନ୍ତ ଜରୁରୀ ବୋଲି ମତ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ଅଧ୍ୟାପକ ଗାନ୍ଧୀ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ସାମ୍ବାଦିକଙ୍କୁ ସହାୟତା ପାଇଁ ନିବେଦନ

ଫୁଲନଖରା (ପିଏନ୍)-ସଦର ଥାନା ତେଲେଙ୍ଗାପେଣ୍ଠ ଅଞ୍ଚଳର ବରିଷ୍ଠ ସାମ୍ବାଦିକ ସୁବାସ ନାୟକ ଗୁରୁତର ଅସୁସ୍ଥ ହୋଇ ଏବେ ଚିକିତ୍ସିତ ହେଉଛନ୍ତି । ତାଙ୍କୁ କଟକ ବଡ଼ ମେଡ଼ିକାଲର ମେଡ଼ିସିନ ବିଭାଗରେ ଭର୍ତ୍ତି କରାଯାଇଛି । କିଡ଼ନୀରେ ସମସ୍ୟା ଦେଖାଯିବା ସହିତ ଉଚ୍ଚ ରକ୍ତଚାପ ଓ ମଧୁମେହ ରୋଗରେ ସେ ଆକ୍ରାନ୍ତ ହୋଇଥିବା ପରିବାର ସୂତ୍ରରୁ ପ୍ରକାଶ । ସେ ଆର୍ଥିକ ଦୁର୍ବଳ ଶ୍ରେଣୀର ହୋଇଥିବାରୁ ଚିକିତ୍ସା, ଔଷଧ ଖର୍ଚ୍ଚ ଓ ପରୀକ୍ଷା ନିରୀକ୍ଷା ପାଇଁ ତାଙ୍କୁ ସହାୟତା ପ୍ରଦାନ କରିବାକୁ ନିବେଦନ କରାଯାଇଛି । ବଦାନ୍ୟ ବ୍ୟକ୍ତିମାନେ ୯୪୩୭୨୯୨୬୯୯ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି ।

ସୌର ବିଦ୍ୟୁତ୍‌ର ଗୁରୁତ୍ୱ

ଭୁବନେଶ୍ୱର (ପିଏନ୍): ଭାରତରେ ସୌର ବିଦ୍ୟୁତର ମୂଲ୍ୟ ହ୍ରାସ ପାଇ ଆସୁଥିବାବେଳେ ନିକଟଅତୀତରେ ଏହା ରେକର୍ଡ଼ ତଳକୁ ଖସିଛି । ମଧ୍ୟପ୍ରଦେଶର ରେୱାରେ ୭୫୦ ମେଗାୱାଟର ଏକ ସୌର ବିଦ୍ୟୁତ ପ୍ରକଳ୍ପ ପାଇଁ ହୋଇଥିବା ଟେଣ୍ଡରରେ ଦର କିଲୋୱାଟ ପିଛା ୩ଟଙ୍କା ୨୯ ପଇସା ଆସିଥିବା ଖୁସିର ବିଷୟ । ପ୍ରଥମଥର ପାଇଁ ସୌରଶକ୍ତିର ମୂଲ୍ୟ ୪ଟଙ୍କା ତଳକୁ ଖସିଛି । ଏପରିକି ଏହା ୩ଟଙ୍କା ତଳକୁ ମଧ୍ୟ ଆସିଛି ବୋଲି ଧରାଯାଉଛି କାରଣ ପ୍ରଥମ ବର୍ଷରେ ଏହା ୨ଟଙ୍କା ୯୭ ପଇସାରେ ମିଳିବ । ସୌର ବିଦ୍ୟୁତ୍ ଉଦ୍ୟୋଗର ଏହି ଧାରାକୁ ଦେଖିଲେ ଆଶା କରାଯାଉଛି ଯେ ଭାରତ ପରିବେଶ ଦୃଷ୍ଟିରୁ କ୍ଷତିକାରକ । ତାପଜ ବିଦ୍ୟୁତ୍ ଅପେକ୍ଷା ବିଶୁଦ୍ଧ ସୌର ବିଦ୍ୟୁତ୍ ଉତ୍ପାଦନ ତଥା ଉପଯୋଗ ଦିଗରେ ଅଧିକ ସଫଳତା ହାସଲ କରିପାରିବ । ତା' ସାଙ୍ଗକୁ ନିକଟରେ ଆମେରିକାର ପ୍ରସିଦ୍ଧ ଏମ୍.ଆଇଟି ବୈଷୟିକ ଅନୁଷ୍ଠାନରେ ଗବେଷକମାନେ ଅଧିକ ଦକ୍ଷତାଯୁକ୍ତ ସୋଲାର ସେଲ ତିଆରି କରିଥିବାରୁ ତାହା ସୌର ବିଦ୍ୟୁତ୍‌ର ଗ୍ରହଣୀୟତାକୁ ବେଶୀ ବଢ଼ାଇପାରିବ । ୨୦୨୨ ମସିହା ଶେଷସୁଦ୍ଧା ଭାରତ ସୌର ବିଦ୍ୟୁତ୍ ଉତ୍ପାଦନ ପାଇଁ ଏକ ବଡ଼ ଯୋଜନା କରିଛି । ତଦନୁସାରେ ଆସନ୍ତା ୫/୬ ବର୍ଷ ମଧ୍ୟରେ ଏହାର ଉତ୍ପାଦନ କ୍ଷମତା ଏକଶହ ଗିଗାୱାଟ ଅର୍ଥାତ୍ ୧ଲକ୍ଷ ମେଗାୱାଟକୁ ବଢ଼ାଯିବ । ଯେହେତୁ ସୌରଶକ୍ତି ସଂସ୍ଥା ହେଉଛି ସେ ଦୃଷ୍ଟିରୁ ଏହି ଉତ୍ପାଦନ ଲକ୍ଷ୍ୟ ହାସଲ ହେବାରେ ଅସୁବିଧା ହେବ ନାହିଁ ବୋଲି ଆଶା କରାଯିବା ସ୍ୱାଭାବିକ । ଆଗରୁ ଏହାର ୟୁନିଟ ପିଛା ଦର ଖସି ୪ଟଙ୍କା ଉପରେ ଥିବାବେଳେ ଏବେ ମଧ୍ୟପ୍ରଦେଶ ପ୍ରସ୍ତାବରେ ଏହା ଆହୁରି ଶସ୍ତା ହୋଇଯାଇଥିବାରୁ ସରକାର ସୌର ବିଦ୍ୟୁତ୍‌କୁ ଅଧିକ ଗୁରୁତ୍ୱ ଦେବା ଉଚିତ । ରେୱା ପ୍ରକଳ୍ପରେ ଟେଣ୍ଡରରେ ସଫଳ ହୋଇଥିବା ତିନୋଟି କମ୍ପାନୀକୁ ନେଇ ଗଠିତ ଗୋଷ୍ଠୀ ଆଶା ପ୍ରକାଶ କରିଛି ଯେ ପ୍ରକଳ୍ପ ମୂଲ୍ୟରେ ସୋଲାର ପ୍ୟାନେଲର ଅଂଶ ୪୦ ପ୍ରତିଶତ ଥିବାବେଳେ ଆଗାମୀ କେଇବର୍ଷ ମଧ୍ୟରେ ତାହା ଯଥେଷ୍ଟ କମିଯିବାର ସମ୍ଭାବନା ରହିଛି । ତା'ସାଙ୍ଗକୁ ସରକାରୀ ପ୍ରୋତ୍ସାହନ ଆଦିକୁ ନେଇ କମ୍ ଦରରେ ସୌର ବିଦ୍ୟୁତ୍ ଯୋଗାଇବା ଲାଗି କମ୍ପାନୀ ଗୋଷ୍ଠୀ କମ୍ ମୂଲ୍ୟ ଦର୍ଶାଇଛି । ଅବଶ୍ୟ ଏଥିରେ ରାଜ୍ୟ ସରକାରଙ୍କ ସମର୍ଥନକୁ ପ୍ରଶଂସା କରିବା କଥା । ଏହାକୁ ଦେଖି ଅନ୍ୟ ରାଜ୍ୟଗୁଡ଼ିକ ସୌର ବିଦ୍ୟୁତ୍ ଉତ୍ପାଦନକୁ ଅଗ୍ରାଧିକାର ଦେବା ଆବଶ୍ୟକ । ଯେହେତୁ ଭାରତ ବାୟୁମଣ୍ଡଳ ପରିବର୍ତ୍ତନ ସମ୍ପର୍କିତ ପ୍ୟାରିସ ରାଜିନାମାରେ ସ୍ୱାକ୍ଷର କରିଛି ସେହିଦୃଷ୍ଟିରୁ ବିଶୁଦ୍ଧ ବିଦ୍ୟୁତ୍ ଉତ୍ପାଦନ ଯେତେ ବଢ଼ିବ ତାହା ସେତେ ସହାୟକ ହେବ । ସୌର ବିଦ୍ୟୁତ୍ ହେଉ ବା ପବନ ପରି ଅନ୍ୟ ଅକ୍ଷୟଶକ୍ତି ସୂତ୍ର ହେଉ ପ୍ରଦୂଷଣମୁକ୍ତ ବିଦ୍ୟୁତ୍ ଉତ୍ପାଦନ ବ୍ୟବସ୍ଥାକୁ ସମଗ୍ର ବିଶ୍ୱ ଏବେ ଗୁରୁତ୍ୱ ଦେଉଛି । ଭାରତ ୨୦୧୦ରୁ ଜାତୀୟ ସୌର ମିଶନ ଗଠନ କରିଥିଲେ ହେଁ ଓ ଗତ ତିନିବର୍ଷରେ ଏ ଦିଗରେ କାମ ହୋଇଥିଲେ ସୁଦ୍ଧା ଚଳିତ ଆର୍ଥିକ ବର୍ଷର ସୌର ବିଦ୍ୟୁତ୍ ଉତ୍ପାଦନ ଲକ୍ଷ୍ୟ ହେବା ନେଇ ସନ୍ଦେହ ରହିଛି । ଏପରିକି କୁହାଯାଉଛି ଯେ ୨୦୨୨ ସୁଦ୍ଧା ଧାର୍ଯ୍ୟଲକ୍ଷ୍ୟର ୭୫ ପ୍ରତିଶତ ହାସଲ ହୋଇପାରେ । ସରକାର ଧାର୍ଯ୍ୟଲକ୍ଷ୍ୟକୁ ପୂରାପୂରି ହାସଲ କରିବା ପାଇଁ ଉଦ୍ୟମ କରନ୍ତୁ । ବରଂ ଉତ୍ପାଦନ ଆହୁରି ବଢ଼ାଇବା ଲାଗି ପଦକ୍ଷେପ ନିଆଯିବା ଉଚିତ । ବିଶେଷ ଭାବରେ ସାଧାରଣ ଲୋକେ ନିଜ ଘର ଛାତ ଉପରେ ସୌରଶକ୍ତି ଉତ୍ପାଦନ କଲେ ତାହା ସେମାନଙ୍କୁ ଆର୍ଥିକ ତଥା ଅନ୍ୟାନ୍ୟ ଦୃଷ୍ଟିରୁ ଲାଭ ଦେବ । ଆମେରିକାରେ ଏମ୍ଆଇଟି ଗବେଷକମାନେ ଏବେ ଯେଉଁ ନୂଆ ଫଟୋ ଭୋଲଟାଇ ସେଲ ତିଆରି କରିଛନ୍ତି ତାହା ପ୍ରଚଳିତ ସେଲ୍‌ଠାରୁ ଦୁଇଗୁଣ ଅଧିକ ଦକ୍ଷ । ଏବେ ବ୍ୟବହୃତ ପିଭିସେଲ ୭ ପ୍ରତିଶତ ଦକ୍ଷତାରେ କାମ କରୁଥିବାବେଳେ ନୂଆ ସେଲ ୬୪ ପ୍ରତିଶତ ଦକ୍ଷତାରେ କାମ କରିପାରିବ ବୋଲି ଆଶା କରାଯାଉଛି । ଏଣୁ ଆଶା କରାଯାଉଛି ଯେ ସୌର ବିଦ୍ୟୁତ୍ ବୈଷୟିକ କୌଶଳରେ ଆହୁରି ପରିବର୍ତ୍ତନ ଘଟିବ ଯାହା ଏହାର ଉତ୍ପାଦିକା ଶକ୍ତିକୁ ବଢ଼ାଇବ । ଭାରତରେ ସରକାର ବଡ଼ ସୌର ପ୍ରକଳ୍ପ ସ୍ଥାପନ କରି ବିଦ୍ୟୁତ୍ ଗ୍ରୀଡ଼ ସହ ତାକୁ ଯୋଡ଼ିବାକୁ ଉଦ୍ୟମ କରୁଛନ୍ତି । କିନ୍ତୁ ତା'ସହ ଛାତ ଉପରେ ସୌରଶକ୍ତି ଉତ୍ପାଦନ ବଢ଼ିଲେ ସୌର ପ୍ରକଳ୍ପ ପାଇଁ ଯେପରି ଜମି ଦରକାର ପଡୁଛି ସେ ସମସ୍ୟା ରହିବ ନାହିଁ । ଏଣୁ ଏହି ସମ୍ଭାବନାର ସମସ୍ତ ଦିଗକୁ ପ୍ରୋତ୍ସାହନମୂଳକ ଦୃଷ୍ଟି ଦିଆଯିବା ଲୋଡ଼ା ।

ଜଗତସିଂହପୁର ଜିଲ୍ଲା ବିଜୁ ମହିଳା ଜନତା ଦଳ ପକ୍ଷରୁ ବୃକ୍ଷରୋପଣ

ପାରାଦୀପ (ପିଏନ୍)-ବିଜୁ ଜନତା ଦଳ (ବିଜେଡି) ପ୍ରତିଷ୍ଠାର ୨୫ ବର୍ଷ ପୂର୍ତ୍ତୀ ଅବସରରେ ଜଗତସିଂହପୁର ଜିଲ୍ଲା ବିଜୁ ମହିଳା ଜନତା ଦଳ ପକ୍ଷରୁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପାରାଦୀପ ଉପକଣ୍ଠ ଉଦୟବଟ ଧାମ ପରିସରରେ ଏହି ମେଗା ବୃକ୍ଷରୋପଣର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପାରାଦୀପ ବିଜୁ ଜନତା ଦଳର ସଭାପତି ତଥା ପୌରାଧକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କୁଜଙ୍ଗ ବ୍ଲକ୍ ଅଧକ୍ଷା ନୀନାରାଣୀ ସାହୁ, ଜିଲ୍ଲା ପରିଷଦ ଉପାଧକ୍ଷା ସୁଜାତା ମହାନ୍ତି, କୁଜଙ୍ଗ ୪ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟା କନକପ୍ରଭା ବେହେରା, ପାରାଦୀପ ବିଜୁ ମହିଳା ଜନତାଦଳ ପାରାଦୀପ ନଗର ସଭାନେତ୍ରୀ ଚପଳା ସ୍ୱାଇଁ, କୁଜଙ୍ଗ ବ୍ଲକ୍ ମହିଳା ସଭାନେତ୍ରୀ ପୁଷ୍ପଲତା ବେହେରା, ପାରିଷଦ ପ୍ରଭାତୀ ନାୟକ, ପାରାଦୀପ ନଗର ଯୁବ ଜନତା ଦଳ ସଭାପତି ଆଲୋକ ମହାପାତ୍ର ପ୍ରମୁଖ ଏହି ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ପରିଚାଳ

ଦେଶର ପ୍ରଥମ କୌଶଳ ଦୀକ୍ଷାନ୍ତ ସମାରୋହ

ନୂଆଦିଲ୍ଲୀ/ ଭୁବନେଶ୍ୱର,(ପି.ଏନ): ସ୍କୁଲ ସ୍ତରରେ ଦକ୍ଷତା ବିକାଶକୁ ପ୍ରୋତ୍ସାହନ ଦେବା ଦିଗରେ ଭାରତ ସରକାର ୫ ହଜାରରୁ ଉର୍ଦ୍ଧ୍ୱ ସ୍କିଲ୍ ହବ୍ ଖୋଲିବା ପାଇଁ ଯାଉଛନ୍ତି ବୋଲି ଶନିବାର ବିଶ୍ୱକର୍ମା ଜୟନ୍ତୀ ଅବସରରେ ନୂଆଦିଲ୍ଲୀ ଠାରେ ଆୟୋଜିତ ଦେଶର ପ୍ରଥମ 'କୌଶଳ ଦୀକ୍ଷାନ୍ତ ସମାରୋହ'ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ଭିଡ଼ିଓ ବାର୍ତ୍ତା ଜରିଆରେ ଉଦବୋଧନ ଦେଇଛନ୍ତି। କୌଶଳ ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ଦ୍ୱାରା ପ୍ରଥମ ଦକ୍ଷତା ସମାବର୍ତ୍ତନ ସମାରୋହ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ବିଶ୍ୱକର୍ମାଙ୍କ ଜୟନ୍ତୀ କୌଶଳର ପ୍ରାଣ ପ୍ରତିଷ୍ଠାତାଙ୍କ ଏକ ପର୍ବ। ଏକବିଂଶ ଶତବ୍ଦୀରେ ଭାରତ ଏକ ନୂଆ ଇତିହାସ ରଚିଛି। ଆଜି ପ୍ରଥମ ଥର ପାଇଁ ୯ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ କୌଶଳ ଦୀକ୍ଷାନ୍ତ ସମାରୋହ ଆୟୋଜନ କରାଯାଇଛି। ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଆମ ସହ ଭର୍ଚ୍ଚୁଆଲ ମାଧ୍ୟମରେ ଯୋଡ଼ି ହୋଇଛନ୍ତି। ସେ ଆହୁରି କହିଛନ୍ତି ଯେ ଏହି ଶତାବ୍ଦୀକୁ ଭାରତର ଶତାବ୍ଦୀ ବନାଇବା ପାଇଁ ଭାରତର ଯୁବ ବର୍ଗଙ୍କୁ ଶିକ୍ଷା ସହ ଦକ୍ଷ କରିବା ଜରୁରୀ। ଏହି ବିଚାର ସହ ଭାରତ ସରକାର ଯୁବକଙ୍କ କୌଶଳ ବିକାଶ ଓ ନୂଆ ଅନୁଷ୍ଠାନର ନିର୍ମାଣକୁ ପ୍ରାଥମିକତା ଦେଉଛି। ଗତ ୭ ଦଶନ୍ଧି ମଧ୍ୟରେ ଦେଶରେ ୧୦ ହଜାର ଆଇଟିଆଇ ଥିଲା। ଆମ ସରକାର ଗତ ୮ ବର୍ଷ ମଧ୍ୟରେ ଦେଶରେ ଆହୁରି ପ୍ରାୟ ୫ ହଜାର ଆଇଟିଆଇ ଅନୁଷ୍ଠାନ ପ୍ରତିଷ୍ଠା କରିସାରିଛନ୍ତି । ଏହାବ୍ୟତିତ ୪ ଲକ୍ଷରୁ ଅଧିକ ନୂଆ ସିଟ୍ ଯୋଡାଯାଇଛି। ଦେଶରେ ନ୍ୟାସନାଲ ସ୍କିଲ୍ ଟ୍ରେନିଂ ଇନଷ୍ଟିଚ୍ୟୁଟ୍, ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ସ୍କିଲ୍ସ ଏବଂ ଅନେକ ଦକ୍ଷତା ବିକାଶ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଜାତୀୟ ଶିକ୍ଷା ନୀତି କ୍ରିୟାନ୍ୱୟନ କରାଯାଉଛି। ଏଥିରେ ଅଭିଜ୍ଞତା ଆଧାରିତ ଶିକ୍ଷାକୁ ପ୍ରୋତ୍ସାହନ ଦିଆଯାଉଛି ଓ ସ୍କୁଲ ଗୁଡ଼ିକରେ ସ୍କିଲ୍ ପାଠ୍ୟକ୍ରମ ମଧ୍ୟ ଆରମ୍ଭ କରାଯାଇଛି।ଦକ୍ଷତାକୁ ସମ୍ମାନ ଏବଂ ସ୍କିଲ ସେକ୍ଟରକୁ ପ୍ରୋତ୍ସାହନ ଦେବା ଦିଗରେ କୌଶଳ ଦୀକ୍ଷାନ୍ତ ସମାରୋହର ଆୟୋଜନ ପ୍ରଧାନମନ୍ତ୍ରୀ ମୋଦିଙ୍କ ଦୂରଦୃଷ୍ଟିର ଅଂଶବିଶେଷ । ଶ୍ରୀ ପ୍ରଧାନ ନିରନ୍ତର ସମର୍ଥନ ଏବଂ ମାର୍ଗଦର୍ଶନ ପ୍ରଦାନ କରିଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି । ସେ କହିଛନ୍ତି ଯେ ରୋଜଗାର ଅନୁସନ୍ଧାନରେ ଥିବା କିଛି ଯୁବବର୍ଗ ଆଜି ଆଗକୁ ବଢ଼ି ଅନ୍ୟ ମାନଙ୍କୁ ରୋଜଗାର ପ୍ରଦାନ କରିବା ପାଇଁ ସକ୍ଷମ ହୋଇଛନ୍ତି । ସାଧାରଣ ପୃଷ୍ଠଭୂମିରୁ ଆସୁଥିବା ଆମର ଲକ୍ଷାଧିକ ଯୁବ ଭାଇ ଭଉଣୀମାନେ କୌଶଳ ବିକାଶ ଦ୍ୱାରା ଉନ୍ନତଧରଣର ଜୀବନ ବଞ୍ଚିବା ସହ ଆତ୍ମନିର୍ଭର ଆଡ଼କୁ ବଢ଼ିବା ପାଇଁ ମାର୍ଗ ଦେଖାଉଛନ୍ତି । କୌଶଳ ବିକାଶ ସଶକ୍ତିକରଣର ଏକ ମାଧ୍ୟମ । ନୂଆ ରାଷ୍ଟ୍ରୀୟ ଶିକ୍ଷା ନୀତିରେ କୌଶଳ ବିକାଶକୁ ଗୁରୁତ୍ୱ ଦିଆଯାଇଛି । ଭାରତ ସରକାର ଶିକ୍ଷା ଏବଂ କୌଶଳ ବିକାଶକୁ ଏକତ୍ରିକରଣ ଓ କୌଶଳ ବିକାଶକୁ ଶୈକ୍ଷଣିକ ସମାନତା ପ୍ରଦାନ କରିବା ପାଇଁ ସବୁ ସମ୍ଭାବ୍ୟ ପ୍ରୟାସ କରୁଛନ୍ତି ।କୌଶଳ ଦୀକ୍ଷାନ୍ତ ସମାରୋହରେ ସ୍କିଲ ସାର୍ଟିଫିକେଟ ପାଇଥିବା ସମସ୍ତ ବିଦ୍ୟାର୍ଥୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ କେନ୍ଦ୍ରମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି । ଅମୃତ କାଳରେ ଆତ୍ମନିର୍ଭର ଭାରତ ନିର୍ମାଣରେ ଏହି ବିଦ୍ୟାର୍ଥୀ ମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି ସେ କହିଛନ୍ତି । ଏହି କୌଶଳ ଦୀକ୍ଷାନ୍ତ ସମାରୋହ ପ୍ରମାଣିତ କରୁଛି ଯେ କୌଶଳ ବିକାଶ, ସ୍ୱାବଲମ୍ବୀ, ସ୍ୱାଭିମାନ ଓ ସମୃଦ୍ଧି ପଥରେ ଅଗ୍ରସର ହେବା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ । ପ୍ରତିବର୍ଷ ବିଶ୍ୱକର୍ମା ପୂଜାକୁ କୌଶଳର ଏକ ବଡ଼ ଉତ୍ସବ ଭାବରେ ପାଳନ କରିବା ପାଇଁ ସ୍କିଲ ବିଭାଗକୁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି ।କୌଶଳ ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଇଟିଆଇ, ସର୍ଟ-ଟର୍ମ ଟ୍ରେନିଂ ଏବଂ ଉଦ୍ୟମିତା ବିକାଶ କାର୍ଯ୍ୟକ୍ରମ ଇତ୍ୟାଦି ୯ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପତ୍ର ଦିଆଯାଇ ସମ୍ମାନିତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ, ଉଦ୍ୟମିତା ରାଷ୍ଟ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର, ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ରମେଶ ସିପ୍ପି ପ୍ରମୁଖ ଉପସ୍ଥିତ ଥିଲେ ।

ହାଇଦ୍ରାବାଦରେ ଅନୁଷ୍ଠିତ ଡିଜିଟାଲ୍ ରୂପାନ୍ତରଣ ସମାବେଶରେ ଯୋଗଦେଲେ ରାଜ୍ୟ ଆଇଟି ମନ୍ତ୍ରୀ

ଭୁବନେଶ୍ୱର,(ପି.ଏନ): ହାଇଦ୍ରାବାଦ୍ ଠାରେ ଅନୁଷ୍ଠିତ ଡିଜିଟାଲ୍ ରୂପାନ୍ତରଣ ସମାବେଶ ସପ୍ତମ ସଂସ୍କରଣରେ ଇଲେକ୍ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବସେବା ଏବଂ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇଛନ୍ତି। ତେଲେଙ୍ଗାନା ସରକାରଙ୍କ ପକ୍ଷରୁ ଆୟୋଜିତ ଏହି ସମାବେଶରେ ଆଇଟି କ୍ଷେତ୍ର ସହ ଜଡ଼ିତ ୧୫ଟି ରାଜ୍ୟର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ବେହେରା ଉପସ୍ଥିତ ପ୍ରତିନିଧିଙ୍କୁ ନୂଆ ଆଇଟି ନୀତି ଏବଂ ଆଇଟି ଇକୋସିଷ୍ଟମକୁ ବିକଶିତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ବାବଦରେ ଅବଗତ କରାଇଥିଲେ । ମନ୍ତ୍ରୀ ଶ୍ରୀ ବେହେରା କହିଛନ୍ତି ଯେ ରାଜ୍ୟରେ ବହୁ ଆଇଟି କମ୍ପାନୀ ପୁଞ୍ଜିନିବେଶ କରିଥିବାବେଳେ ଆହୁରି ଅନେକ କମ୍ପାନୀ ପୁଞ୍ଜିନିବେଶ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଓଡ଼ିଶାରେ ଆଇଟି କ୍ଷେତ୍ରରେ ନିବେଶ ପାଇଁ ବ୍ୟାପକ ସୁଯୋଗ ରହିଛି ବୋଲି ସେ ପ୍ରକାଶ କରିଥିଲେ।

୫ -ଟି ରେ ଭିସୁଟ୍ ର ହେବ ରୂପାନ୍ତରିକରଣ

ଭୁବନେଶ୍ୱର,(ପି.ଏନ): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଶନିବାର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ରସାଏ ୟୁନିଭରସିଟି ଅଫ ଟେକ୍ନୋଲେଜି (ଭିସୁଟ୍)ର ଉନ୍ନତିକରଣ ପାଇଁ ପ୍ରସ୍ତାବିତ ମାଷ୍ଟରପ୍ଲାନକୁ ଅନୁମୋଦିତ କରିଛନ୍ତି। ୨୦୨୬ସୁଦ୍ଧା ଏହି ଅନୁଷ୍ଠାନରେ ୨୪ଟି ଅଣ୍ଡର ଗ୍ରାଜୁଏଟ ବିଭାଗରେ ୧୦ ହଜାରରୁ ଅଧିକ ଛାତ୍ରଛାତ୍ରୀ ପାଠ ପଢିବାର ବ୍ୟବସ୍ଥା କରାଯିବ। ଏଥିପାଇଁ ୩ଟି ପର୍ଯ୍ୟାୟରେ ୨୦୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ।ଏହି ମାଷ୍ଟରପ୍ଲାନ ଅନୁଯାୟୀ ୨୦୩୦ ସୁଦ୍ଧା ଏହାକୁ ଏକ ମଲ୍ଟି ଡିସିପ୍ଲିନାରୀ ଇଂଜିନିୟରିଂ ଆଣ୍ଡ ରିସର୍ଚ୍ଚ ୟୁନିଭର୍ସିଟି ଭାବରେ ବିକଶିତ କରାଯିବ। ଏହା ଦେଶର ପ୍ରମୁଖ ଇଞ୍ଜିନିୟରିଂ ଅନୁଷ୍ଠାନ ଆଇଆଇଟି ଓ ଏନଆଇଟି ପରି ସଂସ୍ଥା ମାନଙ୍କ ସହିତ ସମକକ୍ଷ ହେବ। ଏଥିରେ ସ୍କୁଲ ଅଫ୍ ଇଂଜିନିୟରିଂ, ସ୍କିଲ ଡେଭେଲପମେଂଟ ସେଂଟର, ସ୍କୁଲ ଅଫ୍ ମେଡିକାଲ ଟେକ୍ନୋଲୋଜି ଓ ସ୍କୁଲ ଅଫ୍ ବେସିକ୍ ସାଇନ୍ସ ପରି ୭ଟି ସ୍କୁଲ ରହିବ।ମାଷ୍ଟରପ୍ଲାନ ଅନୁଯାୟୀ ଏହି ଅନୁଷ୍ଠାନରେ ୧୦,୮୬୪ ଜଣ ଛାତ୍ରଛାତ୍ରୀ ପାଠ ପଢିବା ପାଇଁ ବ୍ୟବସ୍ଥା କରାଯିବ। ବର୍ତମାନ ୨୮୪୯ ଛାତ୍ରଛାତ୍ରୀ ବିଭିନ୍ନ କୋର୍ସରେ ପାଠ ପଢୁଛନ୍ତି। ଏଥିରେ ୭ଟି ସ୍କୁଲରେ ୨୪ଟି ଇଞ୍ଜିନିୟରିଂ ପ୍ରୋଗ୍ରାମ, ୧୪ରୁ ଅଧିକ ବିଭାଗ ଓ ୨୭ରୁ ଅଧିକ ଉତ୍କର୍ଷ କେନ୍ଦ୍ର ଗଠନ କରାଯିବ। ପ୍ରତ୍ୟେକ ସ୍କୁଲରେ ଶ୍ରେଣୀ ଗୃହ, ଲାବୋରେଟୋରୀ, ପ୍ରଫେସର ମାନଙ୍କ ଚାମ୍ବର ଓ ଗ୍ୟାଲେରୀ ରହିବ। ସମସ୍ତ ସ୍କୁଲରେ ଅତ୍ୟାଧୁନିକ ଗବେଷଣା କେନ୍ଦ୍ର ଓ ଲାବୋରେଟୋରୀ ସୁବିଧା ଉପଲବ୍ଧ ହେବ। ପ୍ରତ୍ୟେକ ଉତ୍କର୍ଷ କେନ୍ଦ୍ର ସହିତ ଶିକ୍ଷାନୁଷ୍ଠାନ ମାନଙ୍କର ସହଭାଗୀତା କରାଯିବ ଏବଂ ଏଥିରେ ଅତି କମ୍ ରେ ଜଣେ ପୂର୍ବତନ ଛାତ୍ର ମେଂଟର ଭାବରେ ଦାୟିତ୍ୱ ଗ୍ରହଣ କରିବେ। ଏହାଦ୍ୱାରା ପ୍ରତ୍ୟେକ ଉତ୍କର୍ଷ କେନ୍ଦ୍ର ଶିକ୍ଷାନୁଷ୍ଠାନ ମାନଙ୍କ ପାଇଁ ଅତ୍ୟାଧୁନିକ ଗବେଷଣା ଓ ପରାମର୍ଶ କେନ୍ଦ୍ର ଭାବରେ କାର୍ଯ୍ୟ କରିପାରିବ ଏବଂ ଗ୍ରାମ୍ୟ ଓ ସହରାଂଚଳର ଉନ୍ନତିକରଣ ପାଇଁ ଏକ ନୋଡାଲ ସେଂଟର ଭାବରେ ମଧ୍ୟ କାର୍ଯ୍ୟ କରିପାରିବ।ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ୩ ମାସ ମଧ୍ୟରେ ସମସ୍ତ ସ୍ମାର୍ଟ କ୍ଲାସ ରୁମ୍ ନିର୍ମାଣ କାମ ସଂପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହଷ୍ଟେଲ ଓ ଅନ୍ୟାନ୍ୟ ସାଧାରଣ ମରାମତି କାମକୁ ତୁରନ୍ତ ଶେଷ କରାଯିବ ଏବଂ ଅନୁଷ୍ଠାନକୁ ୨୪ ଘଣ୍ଟିଆ ବିଦ୍ୟୁତ ବ୍ୟବସ୍ଥାର ସୁବିଧା କରାଯିବ। ମୁଖ୍ୟମନ୍ତ୍ରୀ ବିଶ୍ୱବିଦ୍ୟାଳୟର କୁଳପତି ଓ ପ୍ରଫେସର ମାନଙ୍କ ସହିତ ଅଲୋଚନା କରିଥିଲେ । ସେମାନେ ସମସ୍ତେ ଏହି ରୂପାନ୍ତର କାର୍ଯ୍ୟର ଉଚ୍ଚପ୍ରଶଂସା କରିବା ସହିତ ଏଥିପାଇଁ ପ୍ରତିବଦ୍ଧତା ସହ କାମ କରିବେ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନା ରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଦକ୍ଷତା ବିକାଶ ବିଭାଗ ପ୍ରମୁଖ ସଚିବ ହେମନ୍ତ ଶର୍ମା ଉପସ୍ଥାପନା ରଖିଥିଲେ।ସୂଚନାଯୋଗ୍ୟ ଯେ ଗତ ଅଗଷ୍ଟ ମାସ ୨୫ ତାରିଖରେ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ୫-ଟି ସଚିବ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ବୁର୍ଲା ଗସ୍ତ କରି ଏହାକୁ ଏକ ଉତ୍କର୍ଷ କେନ୍ଦ୍ର ଭାବରେ ବିକଷିତ କରିବା ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ।

ଓବିସି ମୋର୍ଚ୍ଚା ଛାତ୍ର ସାମୁଖ୍ୟ ପକ୍ଷରୁ ଓବିସି କମିଶନଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ଭୁବନେଶ୍ୱର, (ପି.ଏନ): ଓବିସି ବର୍ଗଙ୍କ ପ୍ରତି ପକ୍ଷପାତିତା ଅଭିଯୋଗ କରି ରାଜ୍ୟ ଓବିସି ମୋର୍ଚ୍ଚା ଛାତ୍ର ସାମୁଖ୍ୟ ପକ୍ଷରୁ ଶନିବାର ଓବିସି କମିଶନଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭ ପ୍ରତିବାଦ କାର୍ଯ୍ୟକ୍ରମରେ ଯୋଗ ଦେଇ ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ କହିଛନ୍ତି ଯେ ଶିକ୍ଷା କ୍ଷେତ୍ରରେ ନାମଲେଖା ପାଇଁ ସଂରକ୍ଷଣ ଦେବାରେ ରାଜ୍ୟ ବିଜେଡି ସରକାର ପକ୍ଷପାତିତା କରୁଛି। କେଉଁ ବର୍ଗଙ୍କୁ କେତେ ପ୍ରତିଶତ ସଂରକ୍ଷଣ ସେ ସଂପର୍କରେ କୌଣସି ସ୍ପଷ୍ଟ ନୀତି ନାହିଁ, ବିଶେଷ କରି ରାଜ୍ୟର ସଂଖ୍ୟାଧିକ ବର୍ଗ ଓବିସି ଓ ଏସଇବିସିମାନଙ୍କୁ କ୍ରମାଗତଭାବେ ରାଜ୍ୟ ସରକାର ସେମାନଙ୍କ ସମ୍ବିଧାନିକ ଅଧିକାରରୁ ବଂଚିତ କରାଇଛନ୍ତି।

ରାଜ୍ୟ ସଂଗ୍ରହାଳୟରେ କଣ୍ଢେଇ ପ୍ରଦର୍ଶନୀ ଆରମ୍ଭ

ଭୁବନେଶ୍ୱର,(ପି.ଏନ): ଆମ ସଂସ୍କୃତି, ଐତିହ୍ୟ ଓ ପାରମ୍ପରିକ ବିଭବଗୁଡ଼ିକ ଉପରେ ଅଧିକ ସଚେତନ କରିବା ଲକ୍ଷ୍ୟରେ ଛାତ୍ରଛାତ୍ରୀମାନଙ୍କୁ ରାଜ୍ୟ ସଂଗ୍ରହାଳୟ ସହିତ ସଂପୃକ୍ତ କରାଯିବ । ଏହା ଫଳରେ ନୂତନ ପିଢ଼ି ଆମର ଅସ୍ମିତା ଓ ସ୍ୱାଭିମାନ ସହିତ ଅଧିକ ମାତ୍ରାରେ ପରିଚିତ ହେବେ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ମତ ଦେଇଛନ୍ତି । ବିଭାଗ ଆନୁକୂଲ୍ୟରେ ରାଜ୍ୟ ସଂଗ୍ରହାଳୟ ପକ୍ଷରୁ ଶନିବାର ଆରମ୍ଭ ହୋଇଥିବା କଣ୍ଢେଇ ପ୍ରଦର୍ଶନୀ ପରିଦର୍ଶନ କରି ଶ୍ରୀ ପାଢ଼ୀ କହିଛନ୍ତି ଯେ ଆଜାଦି କା ଅମୃତ ମହୋତ୍ସବ ପାଳନ ଅବସରରେ ଆୟୋଜିତ ଏହି ପ୍ରଦର୍ଶନୀ ଓ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କୁ ପ୍ରଭାବିତ କରିବ। ଆଜାଦି କା ଅମୃତ ମହୋତ୍ସବ ପାଳନ ଅବସରରେ ଆଜି ରାଜ୍ୟ ସଂଗ୍ରହାଳୟରେ 'ଗାନ୍ଧିଜୀ ଓ ତିନି ମାଙ୍କଡ଼' ଶୀର୍ଷକ ନେଇ କଣ୍ଢେଇ ପ୍ରଦର୍ଶନୀ ଆରମ୍ଭ ହୋଇଛି । ଏହି ପ୍ରଦର୍ଶନୀ ୧୫ ଦିନ ଧରି ଚାଲିବ। ପ୍ରଦର୍ଶନୀରେ ହଜାର ହଜାର ବିଭିନ୍ନ ପ୍ରକାରର କଣ୍ଢେଇ ରଖାଯାଇଛି। ପରବର୍ତ୍ତୀ ସମୟରେ ସଂଗ୍ରହାଳୟରେ ଆରମ୍ଭ ହେବାକୁ ଥିବା କଣ୍ଢେଇ ଗ୍ୟାଲେରୀରେ ଏଗୁଡ଼ିକୁ ସ୍ଥାନିତ କରାଯିବ ବୋଲି ସଂଗ୍ରହାଳୟର ଅଧୀକ୍ଷକ ଡ. ଭାଗ୍ୟଲିପି ମଲ୍ଲ ପ୍ରକାଶ କରିଛନ୍ତି । ରାଜ୍ୟ ସଂଗ୍ରହାଳୟକୁ ଭୁବନେଶ୍ୱରର ସୁରେଶ ବଳବନ୍ତରାୟ ଫାଉଣ୍ଡେସନ୍ ପକ୍ଷରୁ ପ୍ରାୟ ୪ ହଜାର କଣ୍ଢେଇ ପ୍ରଦାନ କରାଯାଇଛି । ପ୍ରଦର୍ଶନୀ ଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର, ସାହିତ୍ୟିକ ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ, ଫାଉଣ୍ଡେସନ୍ ର ସଭାପତି ଡ. ହରେକୃଷ୍ଣ ପାତ୍ର, ଟ୍ରଷ୍ଟି ପ୍ରଫୁଲ୍ଲ ଚନ୍ଦ୍ର ଧୀର, ଜାଭିୟର ଇନ୍‌ଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ଅଜିତ କୁମାର ଦାସ, ଫାଉଣ୍ଡେସନ୍ ର ସଦସ୍ୟ ସୂର୍ଯ୍ୟ ମିଶ୍ର, ଡ. ଦେବାଶିଷ ମହାପାତ୍ର, ପବିତ୍ର ପ୍ରଧାନ, ସୁଧୀର ମଉଡ଼ମଣି ଓ ସଂପାଦିକା ଅଧ୍ୟାପିକା ଡ. ଅନ୍ୟା ଅନୁରୂପା ପ୍ରମୁଖ ଉପସ୍ଥିତ ଥିଲେ। ଅନିନ୍ଦିତା ଦାସ ଗାନ୍ଧିଜୀଙ୍କ ପ୍ରିୟ ଭଜନ 'ବୈଷ୍ଣବ ଜନ ତୋ' ଗାନ କରିଥିଲେ। ସଂଗ୍ରହାଳୟ ପକ୍ଷରୁ ଭାରତୀ ପାଲ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ଦିନରେ ପ୍ରାୟ ହଜାରେ ଛାତ୍ରଛାତ୍ରୀ କଣ୍ଢେଇ ପ୍ରଦର୍ଶନୀବୁଲିଥିବାବେଳେ ଆସନ୍ତା ଦିନଗୁଡ଼ିକରେ ସେମାନଙ୍କ ସଂଖ୍ୟା ଢେର ବୃଦ୍ଧି ପାଇବ ବୋଲି ସଂଗ୍ରହାଳୟ ପକ୍ଷରୁ କୁହାଯାଇଛି ।

ଆରମ୍ଭ ହେଲା ବିଜେପିର ୧୫ ଦିନିଆ 'ସେବାପକ୍ଷ'

ଭୁବନେଶ୍ୱର,(ପି.ଏନ):ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ୭୨ତମ ଜନ୍ମଦିନ ଅବସରରେ ବିଜେପି ପକ୍ଷରୁ ଶନିବାରଠାରୁ ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ୧୫ ଦିନ ଧରି 'ସେବାପକ୍ଷ' ସମଗ୍ର ଦେଶରେ ବିଭିନ୍ନ ପ୍ରକାରର ସେବା କାର୍ଯ୍ୟମାନ ଆରମ୍ଭ ହୋଇଛି । ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ରାଜ୍ୟର କୋଣ ଅନୁକୋଣରେ ବିଜେପି କାର୍ଯ୍ୟକର୍ତାମାନେ ପ୍ରଧାନମନ୍ତ୍ରୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ବିଭିନ୍ନ ମନ୍ଦିର ଓ ଦେବାଳୟରେ ପ୍ରଦୀପ ପ୍ରଜ୍ୱଳନ କରି ତାଙ୍କର ନିରାମୟ ଓ ଦୀର୍ଘଜୀବନ କାମନା କରିଛନ୍ତି । ଏଥିସହ ଯୁବ ମୋର୍ଚ୍ଚା ତରଫରୁ ରାଜ୍ୟବ୍ୟାପୀ ରକ୍ତଦାନ ଶିବିର ଅନୁଷ୍ଠିତ କରାଯାଇ ରକ୍ତ ସଂଗ୍ରହ କରାଯାଇଛି ।ଭୁବନେଶ୍ୱରଠାରେ ଅନୁଷ୍ଠିତ ସେବାପକ୍ଷକୁ ରାଜ୍ୟ ସଭାପତି ସମୀର ମହାନ୍ତି ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଶ୍ରୀ ମହାନ୍ତିଙ୍କ ସମେତ ବହୁ କାର୍ଯ୍ୟକର୍ତା ରକ୍ତଦାନ ପାଇଁ ପଂଜୀକରଣ କରିଛନ୍ତି। 'ସେବାପକ୍ଷ' ଅବସରରେ ରାଜ୍ୟର ସମସ୍ତ ଜିଲ୍ଲାରେ ବୃକ୍ଷ ରୋପଣ, ବିଭିନ୍ନ ସେବାମୂଳକ କାର୍ଯ୍ୟ, ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ଶିବିର, କୃତ୍ରିମ ଅଙ୍ଗ ଓ ଉପକରଣ ପ୍ରଦାନ, ଅମୃତ ସରୋବରର ସ୍ୱଚ୍ଛତା, ଏବଂ ମୋଦିଜୀଙ୍କ ଜୀବନିକୁ ନେଇ ପ୍ରଦର୍ଶନୀମାନ ପର୍ଯ୍ୟାୟକ୍ରମେ ଅନୁଷ୍ଠିତ ହେବ। ଗୋଟିଏ ପକ୍ଷ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଜନହିତକାରୀ ଯୋଜନାର ବର୍ତମାନ ସାଧାରଣ ଜନତାଙ୍କ ନିକଟକୁ ପହଂଚାଇବା ପାଇଁ ପ୍ରୟାସ କରାଯିବ । ସେବାପକ୍ଷ ଅବସରରେ ୧୭ ତାରିଖ ଦିନ ମୋଦିଜୀଙ୍କ ଜନ୍ମଦିନ, ୨୫ ତାରିଖ ଦିନ ପଣ୍ଡିତ ଦୀନଦୟାଲଜୀଙ୍କ ଜୟନ୍ତୀ ଏବଂ ଅକ୍ଟୋବର ୨ ତାରିଖ ଦିନ ଗାନ୍ଧୀ ଜୟନ୍ତୀ ପାଳନ କରାଯିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

ଅଧିକାରୀ ଓ ଯନ୍ତ୍ରୀମାନେ ଅଧିକ କ୍ଷେତ୍ର ପରିଦର୍ଶନ କରନ୍ତୁ:ଜଳ ସମ୍ପଦ ମନ୍ତ୍ରୀ

ଭୁବନେଶ୍ୱର,(ପି.ଏନ): ରାଜ୍ୟ ଜଳସମ୍ପ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ସ୍ୱରସମ୍ବଳ

ପର୍ଯ୍ୟବେକ୍ଷକ

PARYABEKHYAK

Bhubaneswar Tuesday September 20, 2022 ଭୁବନେଶ୍ୱର ମଙ୍ଗଳବାର, ସେପ୍ଟେମ୍ବର ୨୦,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com

ଲଗାଣ ବର୍ଷା ପ୍ରଭାବରେ ବନ୍ଦର ସହର ଜନଜୀବନ ଅସ୍ତବ୍ୟସ୍ତ

ପାରାଦୀପ,(ପି.ଏନ): ଲଘୁଚାପ ଜନିତ ଲଗାଣ ବର୍ଷାର ବେଶ୍ ପ୍ରବାବ ଦେଖିବାକୁ ମିଳିଛି ବନ୍ଦର ସହର ପାରାଦୀପରେ । ଘଡଘଡି ସାଙ୍ଗକୁ ବର୍ଷା ପ୍ରଭାବରେ ସହରର ପ୍ରମୁଖ ରାସ୍ତା ସମେତ ବିଭିନ୍ନ ସ୍ଥାନ ଜଳମଗ୍ନ ହୋଇଯାଇଛି । ବଡପଡିଆ ମାର୍କେଟ୍, ପ୍ରେସ୍ ଛକ ସମେତ ମୁଖ୍ୟ ରାସ୍ତା ଗୁଡିକ ଜଳାର୍ଣ୍ଣବ ହୋଇଥିବା ଦେଖିବାକୁ ମିଳିଛି । କ୍ରମାଗତ ତିନି ଦିନ ଧରି ବର୍ଷା ଲାଗି ରହିବା ଫଳରେ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଚଳିତ ପାର୍ବଣ ପୂର୍ବରୁ ପାରାଦୀପ ପୌରପାଳିକା ପକ୍ଷରୁ ସହରର ସମସ୍ତ ଡ୍ରେନ୍ ସମେତ ବସ୍ତିମାନଙ୍କର ଡ୍ରେନ ଗୁଡିକ ସଫା କରାଯାଇଥିବାରୁ ବର୍ଷା ଜଳ ଆଉ ଲୋକମାନଙ୍କ ଘରେ ପଶି ପାରି ନାହିଁ । ପୌର ନିର୍ବାଚନ ପରେ ନବ ନିର୍ବାଚିତ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଡ୍ରେନ୍ ଗୁଡିକୁ ସଫା କରିବାକୁ ଗୁରୁତ୍ୱ ଦେଇଥିଲେ । ଯେଉଁଥି ପାଇଁ ଲଗାଣ ବର୍ଷାରେ ବି ଲୋକମାନଙ୍କ ଘରେ ବର୍ଷା ପାଣି ପ୍ରବେଶ କରିନାହିଁ । ବିଶେଷ ଭାବରେ ଲଗାଣ ବର୍ଷାରେ ବିଭିନ୍ନ ଶିଳ୍ପସଂସ୍ଥାକୁ ସାଇକେଲ ଓ ଅନ୍ୟ ଦୁଇ ଚକିଆ ଯାନରେ ଯାଉଥିବା ଶ୍ରମିକ କର୍ମଚାରୀମାନେ ବର୍ଷାରେ ଓଦା ହୋଇ ଯାଉଥିବା ଦେଖିବାକୁ ମିଳିଛି । ତେବେ ଏହି ସମୟରେ ପାରାଦୀପର ଖବର କାଗଜ ବିତରକମାନେ ଲଗାଣ ବର୍ଷାରେ ନିଷ୍ଠାପର ଭାବେ ତାଙ୍କର ଦାୟିତ୍ୱ ସମ୍ପନ୍ନ କରୁଥିବାରୁ ପାରାଦୀପର କାର୍ଯ୍ୟରତ ସାମ୍ବାଦିକମାନେ ସେମାନଙ୍କୁ ପ୍ରଶଂସା କରିଛନ୍ତି ।

ବେକାରୀ କାରଣରୁ ହତାଶ ଦେଶର ଯୁବଗୋଷ୍ଠୀ: କଂଗ୍ରେସ

ନୂଆଦିଲ୍ଲୀ, (ପି.ଏନ): କଂଗ୍ରେସ ଅଭିଯୋଗ କରିଛନ୍ତି ଯେ ଦେଶର ଯୁବଗୋଷ୍ଠୀ ବେକାରୀ କାରଣରୁ ହତାଶ ଅଛନ୍ତି । ଏଠାରେ ୬୦ ପ୍ରତିଶତ କାମ ଯୁବଗୋଷ୍ଠୀ ଚାକିରୀ ଆଶା ଛାଡ଼ିଦେଇଛନ୍ତି । ଦେଶର ଯୁବଗୋଷ୍ଠୀଙ୍କ ଏହି ହତାଶା ଚିନ୍ତାଜନକ ।କଂଗ୍ରେସର ରାଷ୍ଟ୍ରୀୟ ପ୍ରବକ୍ତା ସୁପ୍ରିୟା ଶ୍ରୀନେତ ଶନିବାର ଦିନ ପାର୍ଟି ମୁଖ୍ୟାଳୟରେ ଆୟୋଜିତ ଏକ ପ୍ରେସବିଜ୍ଞପ୍ତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୨ତମ ଜନ୍ମଦିନରେ ବଧାଇ ଦେଇ କହିଛନ୍ତି ଯେ ଦେଶର ଯୁବଗୋଷ୍ଠୀ ପିଏମ୍ ମୋଦୀଙ୍କ ସହିତ ନାରାଜ । ଏହି କାରଣରୁ ଆଜି ସେ ପିଏମ୍ ମୋଦୀଙ୍କ ଜନ୍ମଦିନକୁ ରାଷ୍ଟ୍ରୀୟ ବେରୋଜଗାରୀ ଦିବସ ରୂପରେ ପାଳନ କରାଯାଉଛି ।

ଭଦ୍ରକରେ ଜନଶତାବ୍ଦୀ ଏକ୍ସପ୍ରେସ୍ ଲାଇନ୍‌ଚ୍ୟୁତ

ଭଦ୍ରକ,(ପି.ଏନ) :ଭଦ୍ରକ ରେଲ୍‌ୱେ ଷ୍ଟେସନରେ ଜନଶତାବ୍ଦୀ ଏକ୍ସପ୍ରେସ୍‌ର ଏକ ବଗି ଲାଇନ୍ ଚ୍ୟୁତ ହୋଇଯାଇଛି । ପ୍ରାପ୍ତ ସୂଚନା ଅନୁସାରେ ଜନଶତାବ୍ଦୀଟି ଟ୍ରେନ୍‌ଟି ହାୱଡାରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବାବେଳେ ଆଜି ୫.୫୦ ମିନିଟ୍ ସମୟରେ ଭଦ୍ରକ ରେଲ୍‌ୱେ ଷ୍ଟେସନର ଡଗରାସାହି ନିକଟ ଦକ୍ଷିଣ କ୍ୟାବିନ୍ ୧୧୮ ନଂ ଗେଟରେ ଏକ ଷଣ୍ଢକୁ ଧକ୍କା ଦେଇଥିଲା । ଯାହାଫଳରେ ପ୍ରଥମ ଏସ୍‌ଏଲ୍‌ଆର ଆଗ ଦୁଇ ଚକ ଟ୍ରାକ୍ ତଳକୁ ଖସିପଡିଥିଲା ।

ବାଲେଶ୍ୱରରେ ବୁଲିବ ଭୋଟର ସଚେତନତା ରଥ

ବାଲେଶ୍ୱର ,(ପି.ଏନ): ଭୋଟର ପରିଚୟ ପତ୍ର ସହ ଆଧାର ନମ୍ବର ସଂଯୋଗ କରିବା ନିମନ୍ତେ ରାଜ୍ୟ ସରକାର ସମସ୍ତ ନାଗରିକଙ୍କୁ ଅନୁରୋଧ କରିଛନ୍ତି । ଏଥିପାଇଁ ସମସ୍ତ ନାଗରିକ ପ୍ରଥମେ ଏହି ସଂଯୋଗୀକରଣର ଅବଶ୍ୟକତା ବିଷୟରେ ସଚେତନ ହେବା ଜରୁରୀ ।ଏହି କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ଆଜି ବାଲେଶ୍ୱର ଜିଲ୍ଲା ସଦର ମହକୁମାସ୍ଥିତ ସର୍କିଟ ହାଉସ ଠାରେ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀଯୁକ୍ତ ସୁଶୀଲ କୁମାର ଲୋହାନି ଏବଂ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀ ଦ□ାତ୍ରୟ ଭାଉସାହେବ ସିନ୍ଧେ ପତାକା ହଲାଇ ଏକ ଭୋଟର ସଚେତନତା ରଥ ପରିଭ୍ରମଣର ଶୁଭାରମ୍ଭ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଉପ ଜିଲ୍ଲାପାଳ ଶ୍ରୀ କିଶୋର ଚନ୍ଦ୍ର ସ୍ୱାଇଁ ଏବଂ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ପ୍ରକାଶ ଥାଉକି ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଭୋଟର ପରିଚୟ ପତ୍ର ସହ ଆଧାର ନମ୍ବର ସଂଯୋଗ କରିବା ନିତାନ୍ତ ଜରୁରୀ । ଦେଖାଯାଇଛି ଯେ ଅନେକ ଭୋଟରଙ୍କର ଏକାଧିକ ସ୍ଥାନରେ ଭୋଟର ତାଲିକା ଅନ୍ତର୍ଭୁକ୍ତ ଥିବାରୁ କିଛି ଭୋଟରଙ୍କର ନାମ ତାଲିକାରୁ ସମ୍ପୂର୍ଣ୍ଣ ବାଦ ପଡ଼ିଯାଉଛି । ଯାହା ଦ୍ୱାରା ସେମନେ ଭୋଟଦାନ ଅଧିକାରରୁ ବଞ୍ଚିତ ହେଉଛନ୍ତି ଏବଂ ଏକ ସମ୍ପୂର୍ଣ୍ଣ ନିର୍ଭୁଲ ଭୋଟର ତାଲିକାରେ ବାଧା ଉପୁଜୁଛି । ଏହି ସମସ୍ୟାର ସମାଧାନ କରି ଏକ ସମ୍ପୂର୍ଣ୍ଣ ନିର୍ଭୁଲ ତାଲିକା ପ୍ରସ୍ତୁତ କରିବା ନିମନ୍ତେ ଭୋଟର ପରିଚୟ ପତ୍ର ସହ ଆଧାର ନମ୍ବର ସଂଯୋଗ କରିବା ଜରୁରୀ ହୋଇପଡ଼ିଛି । ଏଥିପାଇଁ ଭୋଟର ସଚେତନତା ରଥ ପ୍ରତ୍ୟେକ ଜନ ସମାଗମ ସ୍ଥାନ ଯଥା ହାଟ, ବଜାର, ମେଳା ଆଦି ସ୍ଥାନରେ ରହି ଭୋଟର ମାନଙ୍କ ମାଧ୍ୟମରେ ସଚେତନତା ସୃଷ୍ଟି କରିବା ଭୋଟର ମାନେ ଭୋଟର ହେଲ୍ପ ଲାଇନ ଆପ ଡାଉନଲଡ କରି ତାହା ମାଧ୍ୟମରେ ବିଏଲଓଙ୍କ ଜରିଆରେ ଭୋଟର ପରିଚୟ ପତ୍ର ସହ ଆଧାର ନମ୍ବର ସଂଯୋଗ କରିପାରିବେ । ଏହି କାର୍ଯ୍ୟକ୍ରମ ସାରା ରାଜ୍ୟରେ ୩ ମାସ ଧରି ଚାଲିବାକୁ ଥିବା ବେଳେ ବାଲେଶ୍ୱର ଜିଲ୍ଲାରେ ଦୁଇଟି ରଥ ମାଧ୍ୟମରେ ୧୨ ଟି ବ୍ଲକର ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ସଚେତନତା ସୃଷ୍ଟି କରାଯିବ ।

ଗୁରୁମାଙ୍କ ବିୟୋଗରେ ଶୋକସଭା

ଭୁବନେଶ୍ୱର,(ପିଏନ): ବେଗୁନିଆ ବ୍ଲକ ଅନ୍ତର୍ଗତ କଂଟାବାଡ ସରସ୍ୱତୀ ଶିଶୁ ମନ୍ଦିରର ଗୁରୁ ମା ବନ୍ଦିତା ଚୌଧୁରୀଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଥିଲା । ଶ୍ରୀମତୀ ଚୌଧୁରୀ (୪୬)ଦୀର୍ଘଦିନ ଧରି କର୍କଟ ରୋଗରେ ପିଡୀତ ହୋଇ ଚିକିତ୍ସାଧିନ ଅବସ୍ଥାରେ ରହିଥିବା ବେଳେ ରବିବାର ଦିନ ସକାଳ ସମୟରେ ମୃତ୍ୟୁ ବରଣ କରିଛନ୍ତି । ଏ ନେଇ ଅନୁଷ୍ଠାନର ସଭାପତି ମାନସ ରଞ୍ଜନ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ଶୋକ ସଭାରେ ଶିକ୍ଷା ବିକାଶ ସମିତି ପୂର୍ବ ସମ୍ପାଗ ସଭାପତି କୁଳମଣି ମିଶ୍ର,ସମ୍ପାଦକ ଦିଲ୍ଲୀପ କୁମାର ପାଣିଗ୍ରାହୀ,ପୂର୍ବତନ ସମ୍ପାଦକ ଶ୍ରୀକାନ୍ତ ବାହିନୀପତି,କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ମହାପାତ୍ର,ଉପଦେଷ୍ଟା ବଂଶୀଧର ପାଣିଗ୍ରାହୀ ଓ ସ୍ଥାନୀୟ ଅଂଚଳିକ ସାଧନ କେନ୍ଦ୍ରର ସଂଯୋଜକ ରବୀନ୍ଦ୍ର ନାଥ ସାହୁଙ୍କ ସମେତ ପରିଚାଳନା କମିଟିର ସଦସ୍ୟ/ ସଦସ୍ୟା,ଛାତ୍ରଛାତ୍ରୀ,ଗୁରୁ ଓ ଗୁରୁମା ଓ କର୍ମଚାରୀ ମାନେ ଉପସ୍ଥିତ ରହି ସ୍ୱର୍ଗତାଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା ।କାର୍ଯ୍ୟକ୍ରମକୁ ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ପଣ୍ଡା ପରିଚାଳନା କରିଥିଲେ ।

ନୂତନ ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ନିଯୁକ୍ତିରେ ବିଳମ୍ବ

ଭୁବନେଶ୍ୱର,(ପିଏନ): ଖୋର୍ଦ୍ଧା ଜିଲ୍ଲାରେ କାର୍ଯ୍ୟରତ ଆଂଚଳିକ ସାଧନ କେନ୍ଦ୍ରର ସଂଯୋଜକଙ୍କର କାର୍ଯ୍ୟକାଳ ପାଂଚ ବର୍ଷ ପୂର୍ଣ୍ଣ ହୋଇ ଯାଇଥିବା ବେଳେ ତାଙ୍କ ସ୍ଥାନରେ ନୂତନ ଭାବେ ସାଧନ କର୍ମୀ ନିଯୁକ୍ତିରେ ଅହେତୁକ ବିଳମ୍ବ ଘଟୁଛି । ସରକାରୀ ନିୟମ ଅନୁସାରେ ସାଧନ କେନ୍ଦ୍ର ସଂଯୋଜକଙ୍କ କାର୍ଯ୍ୟକାଳ ପାଂଚ ବର୍ଷ ସ୍ଥିରିକୃତ ହୋଇଥିଲେ ମଧ୍ୟ ପ୍ରଶାସନ ନିୟମକୁ ଖୋଲାଖୋଲି ନିୟମ ଉଲଂଘନ କରୁଥିବାର ଦେଖା ଦେଇଛି । ପୁରାତନ ସିଆରସିସିଙ୍କ କାର୍ଯ୍ୟକାଳ ପାଂଚ ମାସରୁ ଉର୍ଦ୍ଧ୍ୱ ବିତି ଯାଇଥିଲେ ଅବ୍ୟାହତି ନ ଦେଇ ନୂତନ ସାଧନ କେନ୍ଦ୍ର କର୍ମୀଙ୍କ ନିଯୁକ୍ତିକୁ ଦୁଇ ମାସ ହେବ ଭିଜନ ଟେଷ୍ଟ କରାଯାଇଛି । ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ପୁରାତନ ସାଧନ କର୍ମୀଙ୍କ ଅବ୍ୟାହତିର ଅହେତୁକ ବିଳମ୍ବ ଘଟିବାର କାରଣ କଣ ରହିଛି ତାହା ସ୍ପଷ୍ଟ ଭାବେ ଜଣା ପଡୁ ନାହିଁ ।

ଭୁବନେଶ୍ୱର ବ୍ଲକରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଜନଶୁଣାଣି

ଭୁବନେଶ୍ୱର ,(ପି.ଏନ): ଭୁବନେଶ୍ୱର ବ୍ଲକରେ ଆଜି ପୂର୍ବାହ୍ନରେ ବ୍ଲକସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଖୋର୍ଦ୍ଧା ଜିଲ୍ଲପାଳ ଶ୍ରୀ କେ. ସୁଦର୍ଶନ ଚକ୍ରବର୍ତ୍ତୀଭୁବନେଶ୍ୱର ବ୍ଲକ ଗସ୍ତ କରି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବ୍ଲକର ବିଭନ୍ନ ଅଂଚଳରୁ ଆସିଥିବା ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଛନ୍ତି । ଏହି କାର୍ଯ୍ୟକ୍ରମରେ ମୋଟ ୪୬ଟି ବିଭିନ୍ନ ପ୍ରକାର ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ସେଥିରୁ ୨ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ୩୦ ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ସଂପର୍କିତ ରହିଥିବା ବେଳେ ୧୬ ଟି ଅଭିଯୋଗ ସାମୁହିକ ସମସ୍ୟା ସଂପର୍କିତ ରହିଥିଲା । ଜଣେ ହିତାଧିକାରୀଙ୍କୁ ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା । ଗୃହୀତ ଅଭିଯୋଗ ମଧ୍ୟରେଜମିବାଡି ସଂକ୍ରାନ୍ତୀୟ ମାମଲା, ଜବରଦଖଲ ଉଚ୍ଛେଦ,ଜଳ ନିଷ୍କାସନ ସମସ୍ୟାର ସମାଧାନ, ବିଦ୍ୟାଳୟରେ ଶିକ୍ଷକ ପଦବୀ ପୂରଣ, ସାମାଜିକ ନିରାପତ୍ତାରେ ସହାୟତା ପ୍ରଦାନ ଆଦି ସଂପର୍କିତ ଅଭିଯୋଗ ରହିଥିଲା । ଚିକିତ୍ସା ସହାୟତା ପାଇଁ ଆସିଥିବା କେତେକ ହିତାଧିକାରୀମାନଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ଜରିଆରେ ଚିକିତ୍ସା ସୁବିଧା ନେବାକୁ ପରାମର୍ଶ ଦିଆଯାଇଥିଲା । କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ପାତ୍ତୀ,ପ୍ରକଳ୍ପ ନିର୍ଦ୍ଦେଶକ,ଜିଲ୍ଲା ଗ୍ରାମ ଉନ୍ନୟନ ସଂସ୍ଥା, ଶ୍ରୀ ଦିଗନ୍ତ କୁମାର ରାଉତରାୟ,ଭୁବନେଶ୍ୱର ଉପ ଜିଲ୍ଲାପାଳ ଶ୍ରୀ ଦେବବ୍ରତ ସାହୁ, ଏସିପି-ଜୋନ୍-୪ ଶ୍ରୀ ଏସ୍.ଏନ୍. ମୁଦୁଲି, ବ୍ଲକ ଅଧକ୍ଷା ଶ୍ରୀମତୀ ନିରୂପମା ସାହୁ, ଭୁବନେଶ୍ୱର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ସମ୍ପଦ କୁମାର ଦଳାଇଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

କାର୍‌ର ଦ୍ରୁତଗତି, ସିଟ୍ ବେଲ୍ଟ ନ ଲଗାଇବାରୁ ହୋଇଛି ସାଇରସ୍ ମିସ୍ତ୍ରୀଙ୍କ ମୃତ୍ୟୁ- ଯାଂଚ ରିପୋର୍ଟ

ମୁମ୍ବାଇ, (ପି.ଏନ): ମୁମ୍ବାଇ-ଅହମ୍ମଦାବାଦ ହାଇ-ୱେରେ ଗତ କିଛିଦିନ ତଳେ ସଡ଼କ ଦୁର୍ଘଟଣାରେ ଟାଟା ଗ୍ରୁପ୍‌ର ପୂର୍ବ ଚେୟାରମ୍ୟାନ୍ ସାଇରସ୍ ମିସ୍ତ୍ରୀଙ୍କ ମୃତ୍ୟୁ ହୋଇଛି । ଏହି ମାମଲାର ଯାଂଚ କରି ଏକ ଉଚ୍ଚସ୍ତରୀୟ ସମିତି କହିଛନ୍ତି ଯେ ଦୁର୍ଘଟଣାରେ ସାଇରସ୍ ମିସ୍ତ୍ରୀଙ୍କ ମୃତ୍ୟୁ କାର୍‌ର କ୍ଷୀପ୍ର ଗତି ଏବଂ ସିଟ୍‌ବେଲ୍ଟ ନଲଗାଇବା ଲାଗି ହୋଇଛି । ଯାଂଚ ସମିତି ଏହି ରିପୋର୍ଟ ରାଜ୍ୟ ସରକାରଙ୍କୁ ଦେଇଛି ।

ଭାରତ ଯୋଡ଼ୋ ଯାତ୍ରା ସହିତ ଯୋଡ଼ି ହେଲେ ଓଡ଼ିଶାର ସାମାଜିକ କର୍ମୀ ଓ ବୁଦ୍ଧିଜୀବୀ

ଭୁବନେଶ୍ୱର (ପି.ଏନ): ସଂପ୍ରତି ଦେଶରେ କଂଗ୍ରେସ ଦଳ ପକ୍ଷରୁ ଚାଲିଥିବା ଭାରତ ଯୋଡ଼ୋ ଯାତ୍ରା ପ୍ରତି ଦେଶବାସୀଙ୍କର ଅଭୁତପୂର୍ବ ଜନ ସମର୍ଥନ ମିଳୁଛି । ବୁଦ୍ଧିଜୀବୀ, ସାମାଜିକ କର୍ମୀ, ଲେଖକ ଇତ୍ୟାଦି ବିଭିନ୍ନ ବର୍ଗର ଲୋକମାନେ ଏହା ସହିତ ଯୋଡ଼ି ହେଉଛନ୍ତି । ଓଡ଼ିଶାରେ ମଧ୍ୟ ଏହାର ଆଭାସ ମିଳିଛି । ଗତକାଲି ଓଡ଼ିଶାର ବୁଦ୍ଧିଜୀବି, ଲେଖକ, ସାମାଜିକ କର୍ମୀ, ପୂର୍ବତନ ପ୍ରଶାସକ, କଳାକାର ପ୍ରମୁଖ ଏହା ସହିତ ଯୋଡ଼ି ହୋଇଛନ୍ତି । ଏହି ଉପଲକ୍ଷେ ଆୟୋଜିତ ଏକ ବୁଦ୍ଧିଜୀବୀ ଓ ସାମାଜିକ ସମ୍ମିଳନୀରେ ଯୋଗ ଦେଇ ସେମାନେ ଭାରତ ଯୋଡ଼ୋ ଯାତ୍ରା ପ୍ରତି ସେମାନଙ୍କର ସମର୍ଥନ ଜ୍ଞାପନ କରିଛନ୍ତି । ଭୁବନେଶ୍ୱର ସ୍ଥିତ ରେଡକ୍ରସ ଭବନରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ମଧ୍ୟ ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଯୋଗଦେଇ ଦେଶର ସାଂପ୍ରତିକ ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ଦୂରବସ୍ଥା ସମୟରେ ସାମାଜିକ କର୍ମୀ ଓ ବୁଦ୍ଧିଜୀବୀ ମାନେ ନୀରବ ଦ୍ରଷ୍ଟା ହୋଇ ନରହି ବାହାରକୁ ଆସି ଏହାର ପ୍ରବାଦ କରିବାକୁ ଆହ୍ୱାନ ଦେଇଥିଲେ । ଆର ଏସ ଏସ ଓ ବିଜେପିର ଜନବିରୋଧି ନୀତି, ସମ୍ବିଧାନ ପ୍ରତି ଅସମ୍ମାନ, ଦରଦାମ ଓ ବେକାରୀକୁ ନିୟନ୍ତ୍ରଣ କରିବାରେ ବିଫଳତା ବିରୁଦ୍ଧରେ ସେମାନେ ସ୍ୱର ଉତୋଳନ କରିବାକୁ ସେ ଆହ୍ୱାନ ଦେଇଥିଲେ । ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା କଂଗ୍ରେସ ଦଳର ଜାତୀୟ ପ୍ରବକ୍ତା ଶ୍ରୀ ଜୟରାମ ରମେଶ ଏଥିରେ ଯୋଗଦେଇ ଭାରତ ଯୋଡ଼ୋର ଉଦ୍ଦେଶ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ । ସମ୍ପ୍ରତି କେନ୍ଦ୍ରର ବିଜେପି ଦେଶକୁ ଘୃଣା ଓ ବିଦ୍ୱେଷ ଭିତରକୁ ନେଇ ଯାଉଛି । ଧନୀ ଓ ଗରିବ ଭିତରେ ପାର୍ଥକ୍ୟ ବଢ଼ି ବଢ଼ି ଚାଲିଛି । ଦେଶର ଏକତା ଓ ସମ୍ବିଧାନ ପ୍ରତି ବିପଦ ସୃଷ୍ଟି ହୋଇଛି । ଭାରତ ଯୋଡ଼ୋ ଯାତ୍ରା ମାଧ୍ୟମରେ ଦେଶବାସୀଙ୍କୁ ଯୋଡ଼ିବା ସହିତ ବିଜେପିକୁ ସେଥିରୁ କ୍ଷାନ୍ତ ହେବାକୁ ବାଧ୍ୟ କରିବା ଆଜିର ଆହ୍ୱାନ ବୋଲି ସେ କହିଥିଲେ । ବରିଷ୍ଠ ସାମ୍ବାଦିକ ରବିଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀ ଶରତ ପଟ୍ଟନାୟକ ଯୋଗ ଦେଇ ଓଡ଼ିଶାରେ ବିଜେଡ଼ି ଓ କେନ୍ଦ୍ର ବିଜେପି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଏବଂ ଏହି ଦୁଇ ଶକ୍ତିକୁ ପରାସ୍ତ କରିବାପାଇଁ ସେ ଓଡ଼ିଶାରେ ବୁଦ୍ଧିଜୀବୀ ଓ ସାମାଜିକ କର୍ମୀମାନଙ୍କୁ ନିବେଦନ କରିଥିଲେ । ଭାରତର ବିଶିଷ୍ଟ ସାମାଜିକ କର୍ମୀ ଶ୍ରୀମତୀ ଅରୁଣା ରାୟ ଏଥିରେ ଯୋଗଦେଇ ବିଭେଦକାରୀ ଓ ସାମ୍ପ୍ରଦାୟିକ ଶକ୍ତି ଦେଶପାଇଁ ବିପଦ ଏବଂ ଏହା ବିରୁଦ୍ଧରେ ସମସ୍ତେ ଏକାଠି ହେବା ଆଜି ଜରୁରୀ ବୋଲି କହିଥିଲେ । ପୂର୍ବତନ ବିଚାରପତି ଶ୍ରୀ ମନୋରନ ମହାନ୍ତି ଗାନ୍ଧୀଙ୍କୁ ଅସ୍ତ୍ର ଭାବରେ ବ୍ୟବହାର କରି ସାମ୍ପ୍ରଦୟିକ ଶକ୍ତିକୁ ପରାସ୍ତ କରିବାପାଇଁ ପ୍ରସ୍ତାବ ରଖିଥିଲେ । ବିଶିଷ୍ଟ ପ୍ରଶାସକ ଶ୍ରୀ ଅରବିନ୍ଦ ବେହେରା ସମ୍ପ୍ରତି ରାଜନୀତି ରେ ମୂଲ୍ୟବୋଧର ଅବକ୍ଷୟ ଉପରେ ଚିନ୍ତା ପ୍ରକଟ କରିବା ସହିତ କଂଗ୍ରେସ ତାର ମୌଳିକ ମୂଲ୍ୟବୋଧ ଉପରେ ରାଜନୀତିକୁ ଶାଣିତ କରିବାକୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ବିନୟ ରଥ, ଗାନ୍ଧୀ ଯୁବ ଫାଉଣ୍ଡେସନ ଅଧକ୍ଷ ବିଶ୍ୱଜିତ ରାୟ, ପ୍ରଫେସର ବିଜୟ ବହିଦାର, ପ୍ରଫେସର ଖାରବେଳ ମହାନ୍ତି, ପ୍ରଫେସର ଅମିୟ ମହାନ୍ତି, ପ୍ରଫେସର ବସନ୍ତ ମଲ୍ଲିକ, ମଧୁମିତା ରାୟ, ପ୍ରଦୀପ ପ୍ରଧାନ, ନଟବର ଖୁଂଟିଆ ପ୍ରମୁଖ ଏଥିରେ ଯୋଗଦେଇ ନିଜ ନିଜର ମତ ରଖିଥିଲେ । ଏହି କାର୍ଯ୍ୟକ୍ରମକୁ ଓଡ଼ିଶାର ପୂର୍ବତନ ଅର୍ଥମନ୍ତ୍ରୀ ଙ୍କ ସହତ ଶ୍ରୀ ବିସ୍ମୟ ମହାପାତ୍ର, ଅମିୟ ପାଣ୍ଡବ ଓ ସୁଦର୍ଶନ ଦାସ ପରିଚାଳନା କରିଥିଲେ ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

FIND THE DIFFERENCE

•Surveillance through CCTV Camera •Small Classes •Congenial Environment •Intimate, Safe & Secured Place •Experienced & loving teachers •Individual attention to each child •Spacious Playground •AC Activity Room •Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray